# ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର,ସୋମବାର, ଫେବୃଆରୀ ୨୪/୨୦୨୫ (୧୬ ପୃଷ୍ଠା) Bhubaneswar, Monday, February 24/2025 Page 16 ₹ 7.00 | BERHAMPUR
୫୧ଶ ଭାଗ ୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 92 ମୂଲ୍ୟ ₹୭/-




## ୧୭ ବର୍ଷୀୟା ଆନ୍ଦ୍ରିଭାଙ୍କୁ ଟାଇଟଲ

ରୁଷିଆର ୧୭ ବର୍ଷୀୟା ମୀରା ଆନ୍ଦ୍ରିଭା ଦୁବାଇ ଟେନିସ ଚାମ୍ପିୟନଶିପ୍ ଜିତିଛନ୍ତି।

୧୬

୦୨

## ଷ୍ଟଣ୍ଟ୍ କରି ଆହତ ହେଲେ ଗୁରୁ ରନ୍ଧାୱା

ପଞ୍ଜାବୀ ସିନେମାର ପ୍ରସିଦ୍ଧ ସିଙ୍ଗର ତଥା ଅଭିନେତା ଗୁରୁ ରନ୍ଧାୱା ତାଙ୍କ ଆଗାମୀ ଫିଲ୍ମ 'ଶୌଙ୍କି ସରଦାର'ର ଶୁଟିଂ ଶେଟ୍‌ରେ ଷ୍ଟଣ୍ଟ୍ କରି ଆହତ ହୋଇଛନ୍ତି।



# ପାକିସ୍ତାନକୁ ହରାଇଲା ଭାରତ

**ଦୁବାଇ, ୨୩।୨**

ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦମ୍ ଦେଖାଇଛି ଟିମ୍ ଇଣ୍ଡିଆ। ବିରାଟ କୋହଲିଙ୍କ ଚମତ୍କାର ଅପରାଜିତ ଶତକ ବଳରେ ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ଉଇକେଟରେ ପରାସ୍ତ କରିଛି। ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛି ଭାରତ। ଭାରତୀୟ ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରି ନ ପାରି ପାକିସ୍ତାନ ୪୯.୪ ଓଭରରେ ୨୪୧ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ବିରାଟ କୋହଲିଙ୍କ କିର୍ତ୍ତୀମାନ ଏବଂ ଶ୍ରେୟସ ଆୟରଙ୍କ ସହ ଶତକୀୟ ଭାଗୀଦାରି ବଳରେ ଭାରତ ୪୨.୩ ଓଭରରେ୪ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରି ନେଇଥିଲା। ଏଥିସହ ପୂର୍ବ ସଂସ୍କରଣ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି ଟିମ୍ ଇଣ୍ଡିଆ।

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

ଟାର୍ଗେଟ ବଡ଼ ନ ଥିବାରୁ ଭାରତ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲା। ଅଧିନାୟକ ରୋହିତ ଶର୍ମା ୨୦ ରନକରି ଆଉଟ ହୋଇ ଯାଇଥିଲେ ହେଁ ଶୁବମନ ଗିଲ୍ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ତିନିବର୍ଷିଆ ଯୁଦ୍ଧ**



ଆଇସିସି ଚାମ୍ପିୟନ୍ସ ଟ୍ରଫିର ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚରେ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ଅବସରରେ ଭାରତର ଶୁବମନ ଗିଲ୍ ଓ ବିରାଟ କୋହଲି।

# ଭିଶୋଇଙ୍କ ଗୁଳିରେ ଫାର୍ମ ହାଉସ୍ ମାଲିକ ମୃତ

**ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି କଲାଙ୍ଗ ଫାସିଗାଁ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର କରିବାକୁ ଯାଇ ସମ୍ପର୍କୀୟ ଭିଶୋଇଙ୍କ ଗୁଳିମାଡ଼ରେ ଶାଳକଙ୍କ ମୃତ୍ୟୁ ଘଟିଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଫାର୍ମ ହାଉସ୍‌ର ମାଲିକ ଗୋବିନ୍ଦ ଚନ୍ଦ୍ର ନାୟକ। ପୋଲିସ ଅଭିଯୁକ୍ତ ତଥା ଭିଶୋଇ ରମେଶ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ବ୍ୟବହାର କରିଥିବା ବନ୍ଧୁକକୁ ପୋଲିସ ଜବତ କରିବା ସହ ଜବତ ସାମଗ୍ରୀକୁ ଅଧିକ ତଦନ୍ତ ପାଇଁ ପରୀକ୍ଷା ନିମନ୍ତେ ଲାବୋରେଟୋରିକୁ ପଠାଯାଇଛି।**

- **କୁଟୁରା ଶିକାର ପାଇଁ ଯାଇଥିଲେ ଦୁହେଁ**
- **ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ**

**ଢେଙ୍କାନାଳ, ୨୩।୨ (ରତନ ନାୟାର)**

କଲାଙ୍ଗ ଚାକୁଣ୍ଡାନାଳି ଗ୍ରାମର ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ଫାସିଗାଁଠାରେ ଏକ କାଜୁ ବଗିଚା ଫାର୍ମ ହାଉସ୍ ରହିଛି । ସେଠାରେ କୁକୁଡ଼ା, ବତକ ସେ ରଖିଛନ୍ତି। ପ୍ରତିଦିନ ଭଳି ଶନିବାର ରାତିରେ ଖାଇସାରି ଫାର୍ମ ହାଉସ୍‌କୁ ଜଗିବାକୁ ଯାଇଥିଲେ। ନିଜର ବଡ଼ବାପା ପୁଅଙ୍କୁ ମଧ ସାଙ୍ଗରେ ନେଇଥିଲେ। ରାସୋଳ ଥାନା ଆଲୁସିଂ ଗ୍ରାମର ସମ୍ପର୍କୀୟ ଭିଶୋଇ ରମେଶ ନାୟକ ଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଏକ ଦେଶୀ ବନ୍ଧୁକ ଆଣି ଫାର୍ମ ହାଉସ୍‌ରେ ପହଞ୍ଚିଥିଲେ। ବିଳମ୍ବିତ ରାତିରେ ଗୋବିନ୍ଦ ଓ ରମେଶ ଶିକାର ପାଇଁ କାଜୁ ବଗିଚା ମଧରେ ପଶି ଜଙ୍ଗଲ ଆଡ଼କୁ ଯାଇଥିଲେ। ଗୋବିନ୍ଦ ଗୋଟିଏ ରାସ୍ତାରେ ଯାଉଥିଲାବେଳେ ରମେଶ ଅନ୍ୟ ଏକ ରାସ୍ତାରେ ଯାଉଥିଲେ। ଉଭୟ ପାଖାପାଖି ରାସ୍ତାରେ ଯାଉଥିଲେ । ଏହି ସମୟରେ ଏକ ଶବ୍ଦ ଶୁଭିବାରୁ ରମେଶ କୁଟୁରା ଭାବି ବନ୍ଧୁକରୁ ଅତର୍କିତ ଏକାଧିକ ଗୁଳିମାଡ଼ କରିଥିଲେ। ତେବେ ଗୁଳି ଗୋବିନ୍ଦଙ୍କ ଛାତି, ପେଟ ଓ ଡାହାଣ ହାତରେ ବାଜି ଗୁରୁତର କ୍ଷତ ହୋଇଥିଲା। ଏହାଦେଖି ରମେଶ ବନ୍ଧୁକକୁ ଲୁଚାଇ ଘଟଣାସ୍ଥଳରୁ ଚାଲିଯାଇଥିଲେ । ଗୁଳି ଶବ୍ଦ ଏବଂ ଗୋବିନ୍ଦଙ୍କ ଚିତ୍କାର ଶୁଣି ଫାର୍ମ ହାଉସ୍‌ରେ ଥିବା ତାଙ୍କ ବଡ଼ବାପା ପୁଅ ଭାଇ ଖୋଜାଖୋଜି କରିଥିଲେ। ପରେ ଗୋବିନ୍ଦଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ସ୍ତ୍ରୀ ରୀତା ଲେଙ୍କାଙ୍କୁ ଫୋନ ଯୋଗେ ଖବର ଦେଇଥିଲେ । ଆମ୍ବୁଲାନ୍ସ ନ ଆସିବାରୁ ଏକ ଭଡ଼ା ଗାଡ଼ିରେ ଗୋବିନ୍ଦଙ୍କୁ ☞ପୃଷ୍ଠା-୪

# ଏନ୍‌ଟିଏ ୧୦୦ ସ୍କୋରରେ ନୀଳ ସନ୍ଦେଶ, ସୁନିଧି ସିଂ

**ନୂଆଦିଲ୍ଲୀ, ୨୩।୨**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ରବିବାର ଚଳିତ ବର୍ଷର ଜେଇଇ ମେନ୍ ପେପର-୨ର ଫଳାଫଳ ପ୍ରକାଶ କରିଛି। ମହାରାଷ୍ଟ୍ରର ପର୍ଣ୍ଣେ ନୀଳ ସନ୍ଦେଶ ପେପର-୨ଏ (ବି.ଆର୍କ)ରେ ଏନ୍‌ଟିଏ ୧୦୦ ସ୍କୋର କରିଥିବାବେଳେ ପେପର-୨ବି (ବି. ପ୍ଲାନିଂ)ରେ ମଧ୍ୟପ୍ରଦେଶର ସୁନିଧି ସିଂ ଏନ୍‌ଟିଏ ୧୦୦ ସ୍କୋର କରି ଟପ୍ପର ହୋଇଛନ୍ତି। ଦ୍ୱିତୀୟ ପତ୍ର (ବି.ଆର୍କ/ବି.ପ୍ଲାନିଂ) ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳ jeemain. nta.nic.inରୁ ଡାଉନ୍‌ଲୋଡ୍ କରିପାରିବେ।

**ଜେଇଇ ମେନ୍ ପେପର-୨ ଫଳ ପ୍ରକାଶିତ**

ପେପର-୨ ପରୀକ୍ଷା ଜାନୁଆରୀ ୩୦ରେ ହୋଇଥିଲା। ପେପର-୨ଏ ପାଇଁ ୬୩,୪୮୧ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୪,୧୪୪ ଜଣ ପରୀକ୍ଷା ଦେଇଥଲେ। ସେହିପରି ପେପର-୨ବି ପାଇଁ ୨୮,୩୩୫ ପଞ୍ଜୀକୃତଙ୍କ ମଧ୍ୟରୁ ୧୮,୫୯୬ ଜଣ ପରୀକ୍ଷା ଦେଇଥିଲେ। ମୋଟ ୧୩ଟି ଭାଷାରେ ଏହି ପରୀକ୍ଷା ହୋଇଥିଲା। ☞ପୃଷ୍ଠା-୪


**Tata Tiscon 550 SD Authorised Dealers:**

**PURI : Niranjan Sahu**, Chandanpur, 7008237100/ 8249856612 | **Das Traders**, Pipili, 9338401000 | **Binapani Cement**, Center, Kakatpur, 9937499815 | **Balaram Traders**, Nayahat9437518852 / 9658689852 | **Sanjay Distributor**, Raydidhar, 9937623644 | **Prusty Enterprises**, Kanas, 9040559515| **Rabin Traders**, Charichak, 9861922223 / 9437280223 | **Om Bamana Distributor**, Satapada, 8917574707 | **Sahoo Enterprisers**, Balighat, 9437308290 | **Tripathy & Brothers**, Kanas, 9437941288 | **M M Traders**, Konark, 9937846513 | **Chittaranjan Sahoo**, Sakhigopal, 7205128874 | **Parida Traders**, Ananda Bazar, 9437232114 | **Utpala Traders**, Mangalpur, 9668298825 / 9938373498 | **Shivani Traders**, Astarang, 9937500537 | **Santosh Enterprises**, Grand Road, 9439044996 | **Rabinarayan Sahoo**, Damodarpur, 9938498177 / 7077791014 | **Laxminarayan Enterprises**, Sarbodaya Road , 9438421348 | **S.K. Enterprisers**, Gopa Chhak, 9776401111 | **R.K.Builders**, Allarpur, 9437231005 | **Sri Padmabati Cement Centre**, Kakatpur, 9861196715 | **Jay Mahaveer Traders**, Balanga Market, 9114612529 | **S.K.Chand,** Kakatpur, 9861658587 | **Nirmalya Trading**, Tulasipur, 9439692223 / 9439316537 | **M/s. Ramakanta Patra**, Nizigarh Kurukhi, 7735144882 | **Biswal Steel**, Nimapara, 9437189204 | **Litu Building Material**, Madhuban, 9437164185 / 9437464185 | **Mahaveer Steel & Tiles**, Gudiapokhari, 9861898692 | **Padmalaya Enterprises**, Nalakan, 9437185615 | **Dhanishree Traders**, Natabania, 9938448811/9937448811/9040018811| **Ashirbad Agency**, Puri, 9437024838 | **Hariswar Dev Cement Store**, Panaspada, 9178361413 / 9937439535 | | **Renu Enterprisers**, Gop, 9338048037 / 9437928952 | **Maa Mangala Traders**, Kalyanpur, 9938315295 / 8260619771 | **Maa Mangala Traders**, Puri, 9338044994 / 7008813425 | **Ashok Kumar Pradhan**, Puri, 9437028292 / 8763046611| | **Omm Engineering**, Delanga, 8917435548 | **Dhabaleswar Agency**, Charichak, 9937768773 | **Shahroz Traders**, Gop, 9439107972 / 9853783872 | **Maa Laxmi Agency**, Khelar, 9437628771 / 8327783593 | **Steel Centre**, Nimapara, 9439016524 / 7978260259 | **Maa Santoshi Traders**, Puri, 9861017044/9556023975 | **Shree Ganesh Traders**, Pipili, 9337051434 / 9938234639 | **Jagadish Sahoo**, Delanga, 9937233920 | **Trinath Traders**, Kotokana, 8917323445 | **M/s Sahoo Traders** (Puri), Brahmagiri, 9437418251

**JAGATSINGHPUR : Tarini Store**, Paradeep, 9853172295 | **Shree Ram Agency**, Jagatsinghpur, 9437208329 | **Jai Matadi Traders**, Jagatsinghpur, 9437050692 | **Krishna Traders**, Tirtol, 9778360890 / 7008161878 | **Ganapati Cement Store**, Baliagopinathpur, 9437103555 | **Nandanandan Agency**, Erasama, 9937026255 | **Jagulai Traders**, Balikuda, 9937506202 | **Mahavir Supply Agency**, Machhagaon, 9938406599 | **Das Agency**, Singipur, 9937173527 / 8117824881 | **Subham Traders**, Balia, 9861963355 | **Basanti & Co**, Raghunathpur, 9438305346 , 9861429986 | **Shreeram Store**, Tarpur, 9348635454/9861232286 | **Baba Kulamani Enterprises**, , Salijanga, 7504619700 | **Satapathy Traders**, Borikina, 9937495230 | **Maa Traders**, Jagatsinghpur, 9437229111 9583184111 | **M/s. Subash Chandra Sahoo**, Chasapada, 9437628272 / 8908194472 | **Sahoo Agency**, Balikuda, 9937053735 / 9937060198 | **Bimala Agency**, Bodhei, 9937511657 / 9556628470 | **Bajrangbali Traders**, Naugaonhat, 7894898989 | **Adhikari Suppliers**, Erasama, 9938347928 | **Sarala Store**, Rahama, 9937167595 | **Patra Enterprisers**, Rathipur, 9937177151/ 9438640973 | **Jayashri Baral**, Chandapata, 9937389658 / 7749915041 | **B. C. Steels And Co.** , Tirthol, 7008436100 | **Mahavir Traders**, Deriki, 9937414241 | **Sabita Agency**, Naugaon Hat, 9090902757 / 9124397272 | **Maa Sarala Traders** , Erasama, 9861288168 / 9938691155/7205757280 | **Jaya Mata Dee Traders**, Sekhapatna, 9556622777 | **D K Traders**, Sanpur, 9438368391 / 7008096319 | **Satya Siba Suppliers**, Erasama, 9937545163 / 9439742579 | **Sidhartha Enterprises**, Jagatsinghpur, Malahunka, 9938279808 / 9938685344 | Jagulai Traders, Balikuda, 9937506202 | **Sushree Enterprisers**, Tirtol, 9437668329 | **Maa Sarala Steel** , Rahama, 7008950481

**KENDRAPARA : Sunita Steels**, Pattamundei, 9437271706(w) | **Nayak & Co.**, Kendrapara, 9437272557 | **Maa Pattakumari Cement**, Rajnagar, 9437608619(w) | **Mashaghai Supply Agencies**, Marshaghai, 9437022039(W) | **Matru Traders**, Bilikana, 9437404962 / 9938718428 / 9861309259 | **Rajlaxmi Traders**, Badamohanpur, 9937886843 / 9658055943 | **Maa Durga Traders**, Tinimuhani, 9437088374 | **Omm Steel** Indupur, 9437050562 | **Tarini Traders**, Choudakulat, 9438016583 **Kalakanhu Construction**, Rajkanika, 9668842490(w) / 8114746990 | **Apex Traders**, Gopa Chak, 9437111527(w) | **Swapneswar Enterprises**, Aul, 9437093615 | Tarini Traders, Choudakulat, 9438016583 | **Kalyaneswar Traders**, Namatara, 9937685630 / 7008910163 | **Srikrishna Enterprisers**, Chhagharia, 9937194943 / 9439969407 | **Akhandalamani Traders**, Kandiahat, 9040855726 / 9776030135 | **Bata Agent**, Pattamundei, 9938129091 | **Konark Traders**, Kasanata, 9437276339 / 9938044882 | **Santosh Kumar Agarwala**, Talchua, 9437012052 / 7978707040 | **Acharya and Brothers**, Biranilakanthapur, 7978573845 / 9658641458 | **Jyoti Traders**, Gangadharpur, 9040008081 / 9437310182 | **Gopinath Traders**, Kendrapara, 9439663220/7504129633 | **G B Traders**, Chandol, 9437365085 | **M/s. Sahoo Agency**, Pattamundai, 9777777593

**SGK & SONS**
Authorised Distributor of Tata tiscon (Retail) 4 District in Odisha
(Khordha, Puri, Jagatsinghpur, Kendrapara)
Toll free No. 1800 123 33 4646

TATA STEEL
#WeAlsoMakeTomorrow

TATA TISCON
JOY OF BUILDING




ଅସଲ ପ୍ରଡକ୍ଟର ସଠିକ ପ୍ରମାଣ

**TAG OF TRUST**

ଅସଲ ପ୍ରଡକ୍ଟ ଏବଂ ମୂଲ୍ୟ ପାଇଁ ଆପଣଙ୍କର ଶ୍ରେଷ୍ଠ ଗାଇଡ୍ ।
ଟାଟା ଟିସକନ କିଣିବା ସମୟରେ ନିଶ୍ଚୟ ଟ୍ୟାଗ୍ ଅଫ୍ ଟ୍ରଷ୍ଟ ଚେକ୍ କରି ନେବେ ।

ଅସଲ ଟାଟା ଟିସକନ ପ୍ରଡକ୍ଟ ପରୀକ୍ଷା କରିବା ପାଇଁ ଏହି ହଲୋଗ୍ରାଫିକ୍ ଷ୍ଟ୍ରିପ୍ ଦେଖି ନେବେ । ଟ୍ୟାଗ୍ ଅଫ୍ ଟ୍ରଷ୍ଟ ନକଲ ବା ବିକୃତ କରାଯାଏ ନାହିଁ ।

**ଟ୍ୟାଗ୍ ନାହିଁ, ମାନେ ଟିସକନ ନୁହେଁ।**

ଆପଣଙ୍କ ଅଥରାଇଜ୍‌ଡ ଡିଲର ନିକଟରୁ ପ୍ରତ୍ୟେକ କ୍ରୟ ସମୟରେ ପାଆନ୍ତୁ ଟ୍ୟାଗ୍ ଅଫ୍ ଟ୍ରଷ୍ଟ । ଉପଲବ୍ଧ ଅଥରାଇଜ୍‌ଡ ଡିଲରର ତାଲିକା ପାଇବା ପାଇଁ ଭିଜିଟ୍ କରନ୍ତୁ: www.tatatiscon.co.in

Toll free 1800 108 8282 | Visit us at aashiyana.tatasteel.com | Join us on / TATATISCONWORLD | Follow us on / TATATISCONWORLD

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚେସ୍ ମହିଳା ଦଳର ବିଳାସପୁର ଗସ୍ତ

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ରବିବାର ଚେସ ମହିଳା ଦଳ ଛତିଶଗଡ଼ର ବିଳାସପୁର ଗସ୍ତ କରିଛନ୍ତି। ବିଳାସପୁର ସ୍ଥିତ ଅଟଳ ବିହାରୀ ବାଜପେୟୀ ୟୁନିଭର୍ସିଟିଠାରେ ଚଳିତ ମାସ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବେ। ଦଳରେ ବାଲିଗୁଡା ଆଦିବାସୀ କଲେଜର ନିର୍ମିତା ପ୍ରଧାନ, ଶୁଭଶ୍ରୀ କହଁର, ପୂଜା ମଲ୍ଲିକ, ସାମନ୍ତିଆପଲ୍ଲୀ ଏସିବିପି ମହାବିଦ୍ୟାଳୟର କେ. ରୁପଚା ସାମିଲ ହୋଇଥିବା ବେଳେ ମ୍ୟାନେଜର ଓ କୋଚ ଭାବେ ଖଲ୍ଲିକୋଟ ଆର ସି ଏମ ସାଇନ୍ସ କଲେଜର ପିଇଟି ଜଗଦୀଶ ପାଢ଼ୀ ଦଳରେ ଗସ୍ତ କରିଛନ୍ତି । କ୍ରୀଡା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗିତାଞ୍ଜଳି ଦାଶ, ପରିଷଦ ସମ୍ପାଦକ ଡ.ସାରଦା ପ୍ରସାଦ ସାହୁ, ଜି. ସତ୍ୟ ନାରାୟଣ, ରାଜେଶ କୁମାର ମହାନ୍ତି,ରବି ଚରଣ ମିଶ୍ର,ବିନାୟକ ରଥ, ଡ଼. ରମାକାନ୍ତ ଭୂୟାଁ, ପ୍ରଦୀପ କୁମାର ନାୟକ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

### ୨ କାରକୁ ଧକ୍କାଦେଇ ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ପୋଲିସ ଗାଡ଼ି

ଜଗନ୍ନାଥପ୍ରସାଦ,୨୩।୨(ବିଭୂ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ବିଡ଼ିପୁର ମୁଖ୍ୟରାସ୍ତାରେ ରବିବାର ଏକ ପୋଲିସ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଟି କାର, ଗୋଟିଏ ମିନିବସ୍ ଓ ପୋଲିସ ଗାଡ଼ି ଭାଙ୍ଗିଥିବା ବେଳେ କୌଣସି କର୍ମଚାରୀ ଆହତ ହୋଇ ନ ଥିବା ଜଣାପଡ଼ିଛି। ରବିବାର ସକାଳେ ପୋଲିସ ଗାଡ଼ି (ନଂ. ଓଡି୦୫ଏପି୨୭୦୨) କେସ୍ ରେକର୍ଡ ସହ ସମ୍ବଲପୁର ହେଡ୍‌କ୍ୱାର୍ଟରେ ଥାନାରୁ ଜଣେ ନାବାଳିକାଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜେଲକୁ ଛାଡ଼ିବା ପାଇଁ ଆସୁଥିଲା। ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ିର ଲାଇଟ୍ ପଡ଼ିବାରୁ ଉକ୍ତ ଗାଡ଼ିକୁ ସାଇଡ୍ ଦେଇଥିଲେ। ଯାହାଫଳରେ ରାସ୍ତାକଡ଼ରେ ଠିଆ ହୋଇଥିବା ୨ଟି କାରକୁ ଧକ୍କା ଦେଇ ଏକ ବାରଣ୍ଡା ଭିତରକୁ ପଶିଯାଇଥିଲା। ପାଖରେ ଥିବା ମିନିବସ୍‌ର ସମ୍ମୁଖଭାଗ ବିଦ୍ୟୁତ୍ ଖୁଣ୍ଟରେ ବାଜି ଖୁଣ୍ଟିଟି ବଙ୍କା ହୋଇଯାଇଛି। ଖବରପାଇ ଜଗନ୍ନାଥପ୍ରସାଦ ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଛି। ପରେ ଯାତ୍ରୀବାହୀ ବସ୍ ଯୋଗେ ବ୍ରହ୍ମପୁର ପଠାଯାଇଛି। ଏନେଇ ଥାନାଧିକାରୀ ଅରୁଣ କୁମାର ସିଂ କହିଛନ୍ତି, ରାସ୍ତାରେ ଭିଡ଼ ଜମାଉଥିବା ଗାଡ଼ି ମାଲିକଙ୍କ ନାମରେ ଥାନା ପକ୍ଷରୁ ନୋଟିସ କରାଯିବ। ଏହାକୁ ଅବମାନନା କଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ମାର୍ଚ୍ଚ ୨ରୁ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଫି

ବ୍ରହ୍ମପୁର,୨୩।୨(ସ୍ମୃତି ରଞ୍ଜନ ମହାଲିକ)

ଆଲଫା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆସନ୍ତା ମାସ ୨ରୁ ୧୦ ତାରିଖ ଯାଏଁ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଫି ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏ ନେଇ ରବିବାର ସର୍କିଟ ହାଉସଠାରେ କ୍ଲବ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ସ୍ତର ଓ ରାଜ୍ୟ ବାହାରୁ ୧୦ ଟିମ ମ୍ୟାଚ ଖେଳିବେ। ପ୍ରତିଦିନ ମ୍ୟାଚ ସକାଳ ୯ରୁ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ସରିବ। ମ୍ୟାଚଟି ୪୦ ଓଭର ଖେଳାଯିବ। ଏଥିସହ ଜିଲାର କ୍ରୀଡାବିତ ଓ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଖବରଦାତା ସମ୍ମିଳନୀରେ ଟ୍ରଫିର ଚେୟାରମ୍ୟାନ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସାଧାରଣ ସଂପାଦକ ବିଜୟ ଭାସ୍କର ସିଂ ସାମନ୍ତ, ବରିଷ୍ଠ ନେତା ଜଗନ୍ନାଥ ସାବତ, ଶ୍ୱେତା ପ୍ରଜ୍ଞା ପଟ୍ଟନାୟକ ଓ ଏମ ସୁଜାତା ପାତ୍ର ଉପସ୍ଥିତ ଥିଲେ। ସୀମାଚଂଳ ସାହୁ, ଅମିତ କୁମାର ଦାସ ଓ ଚନ୍ଦ୍ର ମୋହନ ସାହୁଙ୍କ ସମେତ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ବୁଗୁଡ଼ା-ମାଣିତରା ରାସ୍ତାରେ ଦନ୍ତାହାତୀ

ବୁଗୁଡ଼ା,୨୩।୨(କାଳିଚରଣ ଦାଶ)

ନଗୁଡୁ ପଥରମୁଣ୍ଡିଆ ପାହାଡ଼ ଆଖପାଖରେ ଏକ ଦନ୍ତାହାତୀ ଘୁରି ବୁଲୁଛି। ରବିବାର ସନ୍ଧ୍ୟାରେ ଦନ୍ତା ପାହାଡ଼ ପଟୁ ବାହାରି ବୁଗୁଡା-ମାଣିତରା ରାସ୍ତାରେ ପଙ୍କଳସାହି ଆଡକୁ ଯାଉଥିବାର ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସେହି ରାସ୍ତା ଦେଇ ଯାତାୟତ କରିବା ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ବନ ବିଭାଗ ପକ୍ଷରୁ ହାତୀଟିର ଗତିବିଧି ଉପରେ ନଜର ରଖିବା ଜରୁରୀ ବୋଲି ବୁଦ୍ଧିଜୀବୀ କହିଛନ୍ତି। କର୍ମଚାରୀମାନେ ସତର୍କ ଥିବା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର କହିଛନ୍ତି ।

# ଭିତ୍ତିପ୍ରସ୍ତରରେ ଅଟକିଛି ଜଗନ୍ନାଥପୁର ରେଲ୍‌ୱେ ଓଭରବ୍ରିଜ୍

- ୨୦୧୯ରେ ଶୁଭ ଦେଇଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ
- ୨୭.୩୧ କୋଟି ଖର୍ଚ୍ଚ ଆକଳନ

ଛତ୍ରପୁର, ୨୩।୨(ସନ୍ତୋଷ ପାଢ଼ୀ)



ରେଳ ଫାଟକଠାରେ ହୋଇଥିବା ଟ୍ରାଫିକ ଜାମ।

ଛତ୍ରପୁର ବ୍ଲକ୍ ତଥା ବ୍ରହ୍ମପୁର ଉପକଣ୍ଠ ଜଗନ୍ନାଥପୁର ରେଳ ଫାଟକ ନିକଟରେ ରେଲୱେ ଓଭରବ୍ରିଜ୍ ନିର୍ମାଣ ନେଇ ପୁଣି ଦାବି ଜୋର ଧରିଛି। ୨୦୧୯ରେ ଏଠାରେ ଏକ ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସେହିବର୍ଷ ଜାନୁଆରୀ ୧୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେତେବେଳେ ଏହାର ନିର୍ମାଣ ପାଇଁ ୨୭.୩୧ କୋଟି ଟଙ୍କା ବ୍ୟୟ ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ୬ବର୍ଷ ପରେ ମଧ୍ୟ ଏଯାଏ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅପରପକ୍ଷରେ ଶୁକ୍ରବାର ଭୁବନେଶ୍ୱରଠାରେ ଜିଲାର ବିଧାୟକ ଓ ରେଲୱେ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ବୈଠକରେ ଉକ୍ତ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉଠିଥିଲା। ଏହାର ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ଜଣାପଡିଛି।

ଜଗନ୍ନାଥପୁର ଷ୍ଟେଶନ ନିକଟ ରେଳ ଧାରଣାରେ ପ୍ରତି ଦୁଇ ମିନିଟରେ ଦୁଇ ଦୁଇଟି ଟ୍ରେନ ଯାତାୟାତ କରୁଥିବାରୁ ଧାରଣାର ଉଭୟ ପାର୍ଶ୍ୱରେ ଶହଶହ ଯାତ୍ରୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଏପରି କି ରେଳ ଫାଟକ ଖୋଲିବା ପରେ ବହୁ ସମୟ ଧରି ଟ୍ରାଫିକ ଜାମ ରହୁଥିବା ଦେଖିବାକୁ ମିଳୁଛି। ଉକ୍ତ ରେଳ ଫାଟକ ଦେଇ ଜିଲାର ୫ରୁ ଉର୍ଦ୍ଧ୍ୱ ବ୍ଲକ୍‌ର ଯାତ୍ରୀ ଯାତାୟାତ କରୁଛନ୍ତି। ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ମନ୍ଦିରକୁ ଯିବା ପାଇଁ ଏବଂ ବ୍ରହ୍ମପୁର - ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାକୁ ଯୋଗାଯୋଗରେ ଏହି ରେଳ ଫାଟକର ମୁଖ୍ୟ ଭୂମିକା ରହିଛି। ଏଥିସହ ଉକ୍ତ ରେଳ ଫାଟକ ନିକଟରେ ଜଗନ୍ନାଥପୁର ରେଳ ଷ୍ଟେଶନ, ଭାରତୀୟ ଖାଦ୍ୟ ନିଗମ ଗୋଦାମ, ଜଗନ୍ନାଥପୁର ଗୁଡ୍‌ସ ଗୋଦାମ, ପାରଳା ଇଞ୍ଜିନିୟରିଂ କଲେଜ, ହସ୍ପିଟାଲ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଏଥିପାଇଁ ବହୁ ଟ୍ରକ୍, ଯାତ୍ରୀବାହୀ ବସ୍, ସ୍କୁଲ ଓ କଲେଜ ବସ୍ ଆଦି ଯାନବାହନ ସହ ଯାତ୍ରୀମାନେ ଜଗନ୍ନାଥପୁର ଷ୍ଟେସନକୁ ଏହି ରେଳ ଫାଟକ ଦେଇ ଯାତାୟାତ କରିଥାନ୍ତି। ଏସବୁ ଦୃଷ୍ଟିରୁ ଏଠାରେ ଏକ ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଛି। ଯାତ୍ରୀ ରବୀନ୍ଦ୍ର ସେନାପତି କୁହନ୍ତି, ବହୁ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ଗତ ସରକାର ବେଳେ ଏକ ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ମାଟି ପରୀକ୍ଷା ହୋଇ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏଦିଗରେ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯାଇଛି। ତେବେ କୌଣସି ପଦକ୍ଷେପ ଏଯାବତ୍ ନିଆଯାଇନାହିଁ। ଏବେ ରାଜ୍ୟରେ ନୂଆ ସରକାର ଆସିଥିବାରୁ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସେ ନିବେଦନ କରିଛନ୍ତି।

# ବାଣାୟତ ଓଡ଼ିଆ ସମାଜ ମହାସଭାରେ ୨ ମନ୍ତ୍ରୀ



ମହାସଭାରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥି ।

ଖଲ୍ଲିକୋଟ,୨୩।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଗୁରାପଲ୍ଲୀ ଚିଲିକା ଇନ କଲ୍ୟାଣ ମଣ୍ଡପ ଠାରେ ରବିବାର ନିଖିଳ ଓଡ଼ିଶା ବାଣାୟତ ଓଡ଼ିଆ ସମାଜର ରାଜ୍ୟ ଓ ଗଞ୍ଜାମ ଜିଲା ନିର୍ବାଚନ ମହାସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ମଧ୍ୟାହ୍ନରେ ଆୟୋଜିତ ରାଜ୍ୟ ଓ ଗଞ୍ଜାମ ଜିଲା ନିର୍ବାଚନ ମହାସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଗୋକୁଳାନନ୍ଦ ମଲ୍ଲିକ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପରେ ମନ୍ତ୍ରୀ ମଲ୍ଲିକ ବାଣାୟତ ଓଡ଼ିଆ ସମାଜର ପତାକା ଉତ୍ତୋଳନ କରିଥିଲେ। ଏହି ମହାସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବାଣାୟତ ଓଡ଼ିଆ ସମାଜର ସଭାପତି ଓ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

# 'ବିଦ୍ୱାନ୍ ହୋଇ ଆଦର୍ଶ ନାଗରିକ ହୁଅ'

ବୁଗୁଡ଼ା,୨୩।୨(କାଳିଚରଣ ଦାଶ)

ବୁଗୁଡ଼ା ସାଇ ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ମାନସ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ନିଷ୍ଠାର ସହ ଶୃଙ୍ଖଳିତ ଭାବେ ଅଧ୍ୟୟନ କରି ବିଦ୍ୱାନ ହୋଇ ଆଦର୍ଶ ନାଗରିକ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ବିଇଓ ଚିନ୍ମୟ ମହାପାତ୍ର, ଏମଟିଆରସି ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ଦେବୀ ପ୍ରସାଦ ଦାଶ ଓ ମୁଖ୍ୟବକ୍ତା ଭାବେ ଜୟନ୍ତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

# ମାର୍ଚ୍ଚ ୭ରେ ହାଣ୍ଡି ଛାଡ଼ି ଭୁବନେଶ୍ୱର ଚାଲ ଆହ୍ୱାନ




ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୩।୨(ସ୍ମୃତି ରଞ୍ଜନ ମହାଲିକ)

ଜିଲା ପାଚକ ଓ ପାଚିକା ସଂଘର ଜିଲାସ୍ତରୀୟ ସମାବେଶ ରବିବାର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ବିଜେଡି ସଭାପତି ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସମ୍ମାନନୀୟ ଅତିଥି ରୂପେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ମୁଖ୍ୟ ବକ୍ତା ରୂପେ ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ପାଚକ ଓ ପାଚିକାଙ୍କ ବିଭିନ୍ନ ଦାବି ସମୂହ ସମାବେଶରେ ଉପସ୍ଥାପନ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୭ ତାରିଖରେ ହାଣ୍ଡି ଛାଡି ଭୁବନେଶ୍ୱର ଚାଲ ବୋଲି ସମାବେଶରେ ଆହ୍ୱାନ ଦିଆଯାଇଥିଲା। ସଂଘର ରାଜ୍ୟ ସାଧାରଣ ସଂପାଦିକ ଦୀପାଞ୍ଜଳି ଯାଦବ, ରାୟଗଡା ଜିଲା ସଂଘର ସଭାନେତ୍ରୀ ସୁଭଦ୍ରା ଦାସ, ରାଜ୍ୟ ସଂପାଦକ ବିଜୟ ରଥ, ମୟୂରଭଞ୍ଜ ଜିଲା ସଭାନେତ୍ରୀ ଗେହ୍ଲି ମଣି ଦିଗାଲାଙ୍କ ସମେତ ନମିତା ସାହୁ, ଗାୟତ୍ରୀ ମହାରଣା, ସୁମତି ପାଣିଗ୍ରାହୀ ଓ ସରସ୍ୱତୀ ବିଷୋୟୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନୂଆ କ୍ରେଡିଟ କାର୍ଡ ଦେବା ନାଁରେ ଠକେଇ

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଜଣେ ଯୁବକଙ୍କ ୩ଟି କ୍ରେଡିଟ କାର୍ଡରୁ ଠକେଇ ହୋଇଛି । ସାଇବର ଠକମାନେ ନୂତନ କ୍ରେଡିଟ କାର୍ଡ ଦେବା ନାଁରେ ସମସ୍ତ ବିବରଣୀ ନେଇଯିବା ପରେ ଏହି ଠକେଇ କରିଛନ୍ତି। ଏ ନେଇ ବ୍ରହ୍ମପୁର ଗୋସାଇଁନୂଆଗାଁ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଗୋଷାଣିନୁଆଗାଁ ହାଉସିଂବୋର୍ଡ ଅଞ୍ଚଳରେ ରହୁଥିବା ଏହି ଯୁବକଙ୍କ ନିକଟକୁ କିଛି ଦିନ ତଳେ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ବିଭାଗରୁ କହୁଥିବା ଜଣାଇଥିଲା । ନୂତନ କ୍ରେଡିଟ କାର୍ଡ ନେବାକୁ ଚାହୁଁଛନ୍ତି କି ବୋଲି ପଚାରିଥିଲା । ଏହା ପରେ ଯୁବକ ଜଣଙ୍କ କେତୋଟି କ୍ରେଡିଟ କାର୍ଡ ବ୍ୟବହାର କରୁଛନ୍ତି ଏବଂ ସେଗୁଡିକ ସହ ଲିଙ୍କ ହୋଇଥିବା ମୋବାଇଲ ନମ୍ବର ବିଷୟରେ ପଚାରିଥିଲା । ଯୁବକ ଜଣଙ୍କ ସମସ୍ତ ତଥ୍ୟ ଦେବାର କିଛି ସମୟ ପରେ ତାଙ୍କ ନାଁରେ ପୂର୍ବରୁ ଥିବା ୩ଟି କ୍ରେଡିଟ କାର୍ଡରୁ ୬୦ ହଜାରରୁ ଅଧିକ ଟଙ୍କା କଟିଯାଇଥିଲା। ସେହି ସମୟରେ ଯୁବକଙ୍କ ମୋମାଇଲର କ୍ରେଡିଟ କାର୍ଡ ଆପ ଖୋଲିନଥିଲା କି ମେସେଜ ମଧ୍ୟ ଆସିପାରୁନଥିଲା । ଏପରିକି ତାଙ୍କ ମୋବାଇଲ ନମ୍ବର ମଧ୍ୟ ବ୍ଲକ ହୋଇଯାଇଥିଲା । କିଛି ସମୟ ପାଇଁ ଯୁବକଙ୍କ ମୋବାଇଲ ହ୍ୟାଙ୍ଗ ହୋଇଯାଇଥିଲା । ଏହାକୁ ନେଇ ସେ ମୋବାଇଲ କମ୍ପାନୀ ନିକଟରେ ଅଭିଯୋଗ କରିଥିଲେ । କିଛି ଘଣ୍ଟା ପରେ ସବୁ ସ୍ୱାଭାବିକ ହେବା ପରେ ସେ ଯାଞ୍ଚ କରିଥିଲେ । ତାଙ୍କ କ୍ରେଡିଟ କାର୍ଡରୁ ମୋଟ ୬୩ ହଜାର ୬୪୬ ଟଙ୍କା କଟି ଯାଇଥିବା ସେ ଜାଣିବା ପରେ ସାଇବର ହେଲ୍ପ ଲାଇନକୁ ଫୋନ କରି ଅଭିଯୋଗ କରିଥିଲେ ।

# ଫଲ୍‌ଗୁ ସାହିତ୍ୟ ସଂସଦର ୪୨ତମ ସ୍ୱନକ୍ଷତ୍ର ଉତ୍ସବ



ସମ୍ମାନ ସହ ସାହିତ୍ୟିକ, ଗାଳ୍ପିକ ଓ ଅନ୍ୟମାନେ।

ବ୍ରହ୍ମପୁର,୨୩।୨(ସ୍ମୃତି ରଞ୍ଜନ ମହାଲିକ)

ଫଲଗୁ ସାହିତ୍ୟ ସଂସଦର ୪୨ତମ ସ୍ୱନକ୍ଷତ୍ର ଉତ୍ସବ ରବିବାର ହରିହର ମର୍ଦ୍ଦରାଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ପୌରୋହିତ୍ୟ କରିଥିଲେ। ନାଟ୍ୟକାର ମେଜର ରମାରମଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ମୁଖ୍ୟବକ୍ତା ରୂପେ ଗାଳ୍ପିକ ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ମାନନୀୟ ବକ୍ତା ଭାବେ କବୟିତ୍ରୀ ମାଧୁରୀ ଅଧିକାରୀ ଓ ସମ୍ମାନନୀୟ ଅତିଥି ରୂପେ ଅନୁବାଦିକା ଡ ସୂଚନା ପାଢ଼ି ଯୋଗ ଦେଇଥିଲେ। ସମକାଳୀନ ସାହିତ୍ୟର ବିବିଧ ଗତିବିଧି ସଂପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ ସାହିତ୍ୟିକ ଭିକାରୀ ଚରଣ ମହାପାତ୍ରଙ୍କ କବିତା ସଂକଳନ ନିର୍ଝରା ଓ ମିନି ଗଳ୍ପ ସଂକଳନ ଅସୀମା ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସାହିତ୍ୟିକା ଡ ସୂଚନା ପାଢ଼ିଙ୍କୁ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ଗାଳ୍ପିକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଫେସର ହରିହର ଦାସ ସ୍ମୃତି ଫଲଗୁ ଗଳ୍ପ ସମ୍ମାନ ଓ କବୟିତ୍ରୀ ମାଧୁରୀ ଅଧିକାରୀଙ୍କୁ ପ୍ରଫେସର ପ୍ରହଲାଦ ପଣ୍ଡା ସ୍ମୃତି ଫଲଗୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ବିଶିଷ୍ଟ ଚକ୍ଷୁ ରୋଗ ବିଶେଷଜ୍ଞ ଡା ପ୍ରଜ୍ଞା ପଣ୍ଡା, ସନତ କୁମାର ପଣ୍ଡା ଓ ଶ୍ରୀକାନ୍ତ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କବୟିତ୍ରୀ ସ୍ୱର୍ଣ୍ଣମୟୀ ପାଢ଼ି କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ। ସଂସଦର ସଂପାଦକ ଡା ସାଗର ରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ଓ ଉପଦେଷ୍ଟା ଡ ବ୍ରଜମୋହନ ସାସମଲ ଧନ୍ୟବାଦ ଦେଇଥିଲେ।

# ଗଣିତ ବିଭାଗର ଜାତୀୟ କର୍ମଶାଳା ଉଦ୍‌ଘାଟିତ

ବ୍ରହ୍ମପୁର, ୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଗଣିତ ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ମନୋଜ କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ.ମୁକୁଟ ମଣି ତ୍ରିପାଠୀ , ସମ୍ମାନନୀୟ ଅତିଥି ରୂପେ ଆଇଆଇଟି ଖଡଗପୁର ପ୍ରାଧ୍ୟାପିକା ଡ.ଗୀତାଞ୍ଜଳି ପଣ୍ଡା, ଡ.ସି.ନାହାକ, ବିଆଇଟିର ଡ.ପ୍ରଦ୍ୟୁମ୍ନ କୁମାର ସାହୁ, 'ସୋଆ'ର ପ୍ରାଧ୍ୟାପିକା ଡ.ଶାନ୍ତିଲତା ଚମ୍ପତି, ପିଜିସି ଡ.ପଦ୍ମିନୀ ସାହୁ, ଡେପୁଟି ରେଜିଷ୍ଟ୍ରାର ଡ.ଦୀପକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ମୁଖ୍ୟ ଡ.ପି.କେ ଜେନା ଓ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅଶୋକ ମିଶ୍ର ଉପସ୍ଥିତ ରହି ଗଣିତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ର ନିଜର ପ୍ରତିଭାକୁ ଆତ୍ମସମୀକ୍ଷା କରିବା ଉଚିତ। ତେବେ ସେମାନେ ସଫଳ ହୋଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର, ଗବେଷକ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ସେଭେନ ସିଗମା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଅଶୋକ କୁମାର ମୁଦୁଲି ସଭା ପରିଚାଳନା କରିଥିଲେ। ଗିନା ରାଣୀ ରଥ ଓ ଇନ୍ଦ୍ରଜିତ ସୁଆର ଧନ୍ୟବାଦ ଦେଇଥିଲେ।

# ବେଲଗୁଣ୍ଠା ବ୍ଲକ ଅଧକ୍ଷ ଉପନିର୍ବାଚନ ଭୋଟ ଗଣତି ଆଜି

ବେଲଗୁଣ୍ଠା,୨୩।୨(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଜାନୁଆରୀ ୩୦ରେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ବିଜେଡି ସମର୍ଥିତ ପ୍ରାର୍ଥୀ ମମତା ଭୋଳ ଓ ଭାଜପା ସମର୍ଥିତ ପ୍ରାର୍ଥୀ ଗୀତାଞ୍ଜଳି ବିଷୋୟୀଙ୍କ ମଧ୍ୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୋଟ ୧୭ ଜଣ ସମିତିସଭ୍ୟାସଭ୍ୟ ବେଲଗୁଣ୍ଠାସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ନିଜର ମତଦାନ କରିଥିଲେ। ହେଲେ ସେହିଦିନ ଗଣତି କରାଯାଇ ନ ଥିଲା। ଗଣତି ବିଳମ୍ବ ହେବାରୁ କିଛିଦିନ ତଳେ ବିଜେଡି ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯାଇଥିଲା। ଅଦାଲତ ତୁରନ୍ତ ଗଣତି କରି ଫଳାଫଳ ଘୋଷଣା କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ସୋମବାର ଭୋଟ ଗଣତି ସହ ଫଳାଫଳ ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି।

# ୨ରେ ଦଳପତି ମହାସଭା ଅଧିବେଶନ

ବ୍ରହ୍ମପୁର,୨୩।୨(ନରସିଂହ ସାହୁ)

ଅବିଭକ୍ତ (ଗଜପତି ସହ) ଗଞ୍ଜାମ ଜିଲା ଦଳପତି (ଦଳୁଆ) ସଭାର ଷଷ୍ଠ ମହାଅଧିବେଶନ ପାଇଁ ପ୍ରସ୍ତୁତି ବୈଠକ ବ୍ରହ୍ମପୁରରେ ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୨ ତାରିଖରେ ଗୋଷାଣି ନୂଆଗାଁସ୍ଥ ଏକ ଆଧାତ୍ମିକ ପୀଠରେ ମହାଅଧିବେଶନ ହେବ ବୋଲି ନିଷ୍ପତ୍ତି ହୋଇଛି। ଗଞ୍ଜାମ ଜିଲାର ପିତାତଳି, କୁକୁଡ଼ାଖଣ୍ଡି, କନିଷି, ଗିରିସୋଲା, ସୁବର୍ଣ୍ଣପୁର, ପୋଲସରା, କୋଳଥିଗାଁ, ବୁରୁକୁଡି ସମେତ ଶତାଧିକ ଗ୍ରାମରେ ଏହି ଜାତିର ଲକ୍ଷାଧିକ ପରିବାର ବସବାସ କରୁଛନ୍ତି। ସେହିପରି ଗଜପତି ଜିଲାର ଗୁରାଣ୍ଡି, ଜଙ୍ଗଲପାଡୁ, ଗୋସାଣି, କେରାଣ୍ଡି, ପାରଳାଖେମୁଣ୍ଡି ଓ ଅନ୍ୟ ସ୍ଥାନରେ ମଧ୍ୟ ବହୁଳ ଭାବେ ଦଳପତି ସମ୍ପ୍ରଦାୟ ଅଛନ୍ତି।

ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ବର୍ତ୍ତମାନର ଭାଜପା ନେତା ସାହାଣି ଦଳୁଆ ଜାତିର ଲୋକଙ୍କୁ ପୁଣି ସଂଗଠିତ କରାଇବା ଲାଗି ଦୀର୍ଘବର୍ଷ ପରେ ମହାସଭା ଅଧିବେଶନ ଆୟୋଜନ କରିଛନ୍ତି। ସାଧାରଣ ନିର୍ବାଚନ ପରେ ଆଉ ମାତ୍ର ବର୍ଷକ ପରେ ହେବାକୁ ଥିବା ପୌର ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମହାସଭା ଅଧିବେଶନକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି।

# କାଳିଆମ୍ବା ଜଙ୍ଗଲରେ କଲରାପତରିଆ ବାଘ

**କୁଆଁରି ଭିତରୁ ଗାଈ ଭିଡିନେଇ ମାରି ଖାଇଛି**

ଭଞ୍ଜନଗର,୨୩।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଘୁମୁସର ଉତ୍ତର ବନଖଣ୍ଡର କାଳିଆମ୍ବା ଜଙ୍ଗଲରେ ଏବେ କଲରାପତରିଆ ବାଘ ଆତଙ୍କ ଦେଖିବାକୁ ମିଳିଛି। ବାଘଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକ ଗାଈକୁ ମାରି ଖାଇଛି। ଅନ୍ୟ ଗାଈମାଲିକଙ୍କ ବନ୍ଧା ହୋଇଥିବା ଗାଈଗୋଠ କୁଆଁରି ଭିତରୁ ଗାଈଟିକୁ ଭିଡିନେଇ ମାରି ଖାଇଥିବା ଜଣାପଡିଛି। କିଛି ଦିନ ତଳେ ଏପରି ଘଟଣା ଘଟିଛି। ପରେ ଖବରପାଇ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଗାଈର ବ୍ୟବଚ୍ଛେଦ କରିଥିଲେ। ସେଭଳି କଳିଙ୍ଗା ଘାଟି ଅଞ୍ଚଳରେ ମଧ୍ୟ ଏକ କଲରା ପତରିଆ ବାଘ ଚଳ ପ୍ରଚଳ କରୁଥିବା ଲୋକେ କହୁଛନ୍ତି। ଏହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ, ୯ ମାସ ତଳେ ଏହି ଘୁମୁସର ବନଖଣ୍ଡକୁ ମହାରାଷ୍ଟ୍ରରୁ ଏକ ମହାବଳ ବାଘ ଚାଲି ଆସିଥିଲା। ପ୍ରାୟ ୭ ମାସ ଏହି ବନଖଣ୍ଡରେ ମହାବଳ ବାଘଟି ରହିଥିଲା। ଏହି ସମୟରେ ମହାବଳ ଅନେକ ଗୃହପାଳିତ ପ୍ରାଣୀକୁ ମାରି ଖାଇଥିଲା। ଏହାକୁ ନେଇ ଲୋକଙ୍କ ଅସନ୍ତୋଷ ଦେଖା ଦେଇଥିଲା। ବାଘଟି ଗତ ଦୁଇ ମାସ ହେଲା ଏହି ବନଖଣ୍ଡ ଛାଡି ଚାଲି ଯାଇଛି। କଲରାପତରିଆ ବାଘ ସମ୍ପର୍କରେ ବନ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ଏଠାରେ କଲରା ପତରିଆ ବାଘଟି ଗାଈକୁ ମାରି ଖାଇଥିବା ଅନୁମାନ କରାଯାଉଛି। ପ୍ରକୃତ ଗାଈମାଲିକଙ୍କୁ ଗାଈର କ୍ଷତିପୂରଣ ପ୍ରଦାନ କରାଯିବ। ବର୍ତ୍ତମାନ ଯାଏ ଗାଈର ମାଲିକ ସହାୟତା ପାଇଁ ଆବେଦନ କରିନାହାନ୍ତି। ଆବେଦନ କଲେ ନିୟମ ଅନୁଯାୟୀ ସହାୟତା ମିଳିବ।

# ସାଇକେଲ ମାରାଥନରେ ପରିବେଶ ସୁରକ୍ଷାର ବାର୍ତ୍ତା

ବ୍ରହ୍ମପୁର,୨୩।୨(ସୁବାସ ଚନ୍ଦ୍ର ପାଢ଼ୀ)




ସାଇକେଲ ମାରାଥନରେ ଛାତ୍ରୀଛାତ୍ର।

ଭାରତ ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତରଫରୁ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ଜରିଆରେ ବ୍ରହ୍ମପୁର ଗାନ୍ଧୀନଗର ଛକ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସାଇକେଲ ମାରାଥନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୁରୁଣା ବସଷ୍ଟାଣ୍ଡ ଖଲ୍ଲିକୋଟ କଲେଜ, ବିଜିପୁର, ରେଲୱେ ଷ୍ଟେଶନ ରୋଡ, ଗୋସାଣିନୂଆଗାଁ, ଆସ୍କାରୋଡ ରାସ୍ତା ଦେଇ ଗାନ୍ଧୀନଗର ଠାରେ ସରିଥିଲା। ବ୍ରହ୍ମପୁରସ୍ଥ ଆଇଏସଆରଡି ଓ ଜିଆଇଟିଏମଏସ ର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପାର କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି , ପ୍ରଫୁଲ୍ଲ ଚନ୍ଦ୍ର ପାଣୀଗ୍ରାହୀ, ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର ସାବତ, ଜେଆଇଟିଏମଏସର ନିର୍ଦ୍ଦେଶକ ସହଦେବ ପ୍ରଧାନ, ପ୍ରାଧ୍ୟାପକ ଭେଙ୍କଟେସ ଆଚାରୀ, ସୁନୀଲ କବି, ପ୍ରଭାତ କୁମାର ପାଢୀ ,ଗୋପାଳକୃଷ୍ଣ ଦଳବେହେରା ପ୍ରମୁଖ ଯୋଗଦେଇ ଉତ୍ତମ ପରିବେଶ ପାଇଁ ଇନ୍ଧନ ସଂରକ୍ଷଣ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଶହେରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ବ୍ରହ୍ମପୁର ସହରର ଶକ୍ତିସଦନର କର୍ମକର୍ତ୍ତା ସୟନୀ ମଲ୍ଲିକ, ସୁଶୋଭିତା ଗମାଙ୍ଗ, ଶ୍ରାବଣୀ ଦଳବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**ବଙ୍ଗରଦୁଆ ଘାଟିରେ ଟ୍ରକ୍ ଦୁର୍ଘଟଣା**

ବ୍ରାହ୍ମଣୀଗାଁ,(ମନୋରଞ୍ଜନ ରଣା): ବ୍ରାହ୍ମଣୀଗାଁର ବଙ୍ଗରଦୁଆ ଘାଟିରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଡିଭାଇଡରକୁ ପିଟି ଦୁର୍ଘଟଣା ଘଟିଛି। ଟ୍ରକ୍‌ଟି ବ୍ରହ୍ମପୁର ଅଭିମୁଖେ କଞ୍ଚାମାଲ ନେଇ ଯାଉଥିବା ବେଳେ ହଠାତ୍ ଘାଟି ଗଡ଼ାଣିଆରେ ବ୍ରେକ୍ ଫେଲ୍ ହୋଇଯିବାରୁ ଡ୍ରାଇଭର ନିଜର ଉପସ୍ଥିତ ବୁଦ୍ଧି ଲଗାଇ ଗାଡ଼ି ଟିକୁ ଡ଼ିଭାଇଡର ଆଡ଼କୁ ନେଇଥିଲେ। ଯାହା ଫଳରେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଗାଡ଼ିର ଆଂଶିକ କ୍ଷତି ହୋଇଥିବା ବେଳେ ଡ୍ରାଇଭର ସୁରକ୍ଷିତ ଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଘାଟିରେ ୨୦ ଫୁଟ ତଳକୁ ଖସିଲା ଟ୍ରାକ୍ଟର, ଚାଳକ ମୃତ

ମୋହନା,୨୩।୨(ମନ୍ମଥ ମିଶ୍ର)–

ମୋହନା ଥାନା ଅନ୍ତର୍ଗତ ଟାଙ୍ଗିଲିପଦର ଘାଟିରେ ୨୦ ଫୁଟ୍ ତଳକୁ ଏକ ଟ୍ରାକ୍ଟର ଓଲଟି ପଡିଛି। ଫଳରେ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସୁଲୁବା ଗାଁର ବିଷ୍ଣୁ ଦଳପତି (୪୪)। ୬ ମାସ ହେବ ସେ ଚନ୍ଦ୍ରଗିରିର ବାଳକୃଷ୍ଣ ପାତ୍ରଙ୍କ ଟ୍ରାକ୍ଟର ( ଓଡ଼ି ୩୨ଏ–୪୫୧୦ ) ଚଲାଉଥିଲେ। ରବିବାର ସକାଳ ୭ଟାରେ ବିଷ୍ଣୁ ମୋହନାରୁ ଟାଙ୍ଗିଲିପଦରକୁ ରୋଡ଼ କାମ କରିବାକୁ ଟ୍ରାକ୍ଟର ନେଇ ଯାଉଥିଲେ। ଟାଙ୍ଗିଲିପଦର ଘାଟିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ପଛକୁ ଗଡି ୨୦ ଫୁଟ ତଳକୁ ଖସିପଡିଥିଲା। ଖବରପାଇ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମୋହନା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ସମୀର ତ୍ରିପାଠୀ ବିଷ୍ଣୁଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରେ ମୋହନା ପୋଲିସ ପହଞ୍ଚି ଟ୍ରାକ୍ଟର ଜବତ କରି ତଦନ୍ତ କରୁଛି।

### କରଡାକଣାରେ କିଶୋରୀମେଳା

ଶେରଗଡ଼,୨୩।୨(ସୂର୍ଯ୍ୟ ନାରାୟଣ ଦାଶ)

କରଡାକଣା ପଞ୍ଚାୟତ ପାର୍ଶ୍ୱ ମିଶନ ଶକ୍ତି ଗୃହରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ସରପଞ୍ଚ ଚନ୍ଦ୍ରମା ନାହାକ ଶୁଭାରମ୍ଭ କରିଥିଲେ। ସିଡିପିଓ ମମତାଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ୱାନ ଷ୍ଟପ ସେଣ୍ଟରର ଐଶର୍ଯ୍ୟା ସାବତ, ପ୍ରସନ୍ନ ନାୟକ, ଓାର୍ଡସଭ୍ୟ ଜାଗିଲି ପ୍ରଧାନ ଓ ଖବରଦାତା ସୂର୍ଯ୍ୟ ନାରାୟଣ ଦାଶ ଉପସ୍ଥିତ ଥିଲେ। କରଡାକଣା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀମାଞ୍ଚଳ ପ୍ରଧାନ ବିଚାରକ ଭାବେ ଯୋଗଦେଇ ତର୍କ,ଗୀତ, ନାଚ, ରଙ୍ଗୋଲି ପ୍ରତିଯୋଗିତାର କୃତୀ କିଶୋରୀମାନଙ୍କୁ ଚୟନ କରିଥିଲେ। ବର୍ତ୍ତମାନ ଯୁଗରେ କିଶୋରୀମାନେ ନିଜକୁ ଘର ଭିତରେ ଆବଦ୍ଧ ନ ରଖି ଆଗକୁ ବଢ଼ିବାକୁ ଅତିଥିମାନେ ଆହ୍ୱାନ ଦେଇ ସେମାନେ ନିଜ ସୁରକ୍ଷା ସହ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ବହୁ କିଶୋରୀ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଫୁଲବାଣୀ,୨୩।୨(ରାକେଶ କୁମାର ରାଉତ)

କନ୍ଧମାଳ ବରିଷ୍ଠ ନଗରିକ ସଂଘ ପକ୍ଷରୁ ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସନ୍‌ସାଇନ ହସ୍ପିଟାଲ ପକ୍ଷରୁ ବିଶେଷଜ୍ଞ ଡାକ୍ତରମାନେ ଆସି ୩୦୦ରୁ ଅଧିକ ରୋଗୀଙ୍କୁ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଚିକିତ୍ସା କରୁଥିବା ବିଶେଷଜ୍ଞଙ୍କ ମଧ୍ୟରେ ଭେଷଜ ବିଶେଷଜ୍ଞ ଡାକ୍ତର ରାକେଶ ମହାନ୍ତି, ନ୍ୟୁରୋଲୋଜି ବିଭାଗ ଡା.ସଚ୍ଚିଦାନନ୍ଦ ସ୍ୱାଇଁ, ୟୁରୋଲୋଜି ବିଭାଗ ଡା.ଆଦିତ୍ୟ ପ୍ରସାଦ ପାଢୀ, ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଦେବାଶିଷ ଷଡଙ୍ଗୀଙ୍କ ସହ ଫାର୍ମାସିଷ୍ଟ ଅଭିମନ୍ୟୁ ଜେନା, ପ୍ରଶାନ୍ତ ଉପାଧ୍ୟାୟ, ଶିବ ପ୍ରସାଦ ପ୍ରଧାନ, ଯୁଗଳ କିଶୋର ସାହୁ, ସୁନିତ ମଙ୍ଗରାଜ ପ୍ରମୁଖ ଇସିଜି, ରକ୍ତ ପରୀକ୍ଷା, ରକ୍ତଚାପ ଓ ଔଷଧ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସଂଘର ସଭାପତି କମଳାକାନ୍ତ ପାଣ୍ଡେ ଓ ସାଧାରଣ ସଂମ୍ପାଦକ ପ୍ରଣବ ମଣ୍ଡଳ ଆୟୋଜନ କରିଥିଲା ବେଳେ ନବୀନ କିଶୋର ପଣ୍ଡା, ଡ.ଜଗଦୀଶ ଚନ୍ଦ୍ର ବେଜ, ବଂଶୀଧର ପଣ୍ଡା, ପଦ୍ମ ଚରଣ ସ୍ୱାଇଁ,ଅମୀୟ କୁମାର ଦାଶ, ପିତାମ୍ବର ମିଶ୍ର, ମଧୁସୂଦନ ସାହୁ, ପ୍ରମୋଦ ସାହୁ,ନାରାୟଣ ସାହୁ, ନବ କିଶୋର ରଥ,କେ.ଜ୍ଞାନ ଦୋରା ପ୍ରମୁଖ ସହଯୋଗ କରିଥିଲେ।

# ପାଣି ପାଇଁ ରାସ୍ତା ଅବରୋଧ



ଗରା ମାଠିଆ ରଖି ରାସ୍ତା ଅବରୋଧ କରିଥିବା ସାହିବାସିନ୍ଦା।

ମୋହନା, ୨୩।୨(ମନ୍ମଥ ମିଶ୍ର)

**ଜଳଯୋଗାଣ ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ହଟିଲେ**

ଗଜପତି ଜିଲା ମୋହନା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କେଶରା ଗ୍ରାମରେ ଖରାଦିନ ଆରମ୍ଭରୁ ପାନୀୟଜଳ ସଙ୍କଟ ଦେଖାଦେଇଛି। ଜଳଯୋଗାଣ ବିଭାଗ ନିୟମିତ ଜଳଯୋଗାଣ କରୁ ନ ଥିବାରୁ ଏହାର ପ୍ରତିବାଦରେ କେଶରା ଗ୍ରାମର ମାଝୀସାହି ବାସିନ୍ଦା ରବିବାର ରାସ୍ତା ଅବରୋଧ କରିଥିଲେ। ଗ୍ରାମର ୪ନଂ. ୱାର୍ଡରେ ମାଝୀସାହିରେ ଦୀର୍ଘଦିନ ହେଲା ପାନୀୟଜଳ ସମସ୍ୟା ଲାଗି ରହିଛି। ଏହାକୁ ନେଇ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ପଞ୍ଚାୟତକୁ ସାହିବାସିନ୍ଦା ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ଶେଷରେ ରବିବାର ଗଞ୍ଜାମ–ଗଜପତି ଜିଲାକୁ ସଂଯୋଗ କରୁଥିବା ମୋହନା ରାସ୍ତାରେ ଗରା ମାଠିଆ ରଖି ଶତାଧିକ ମହିଳା ପୁରୁଷ ସକାଳ ୭ଟାରୁ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ଖବରପାଇ ଘଟଣାସ୍ଥଳରେ ମୋହନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ମୋହନା ବିଡିଓ ରାଜୀବ ଦାସ ସ୍ଥାନୀୟ ଲୋକଙ୍କ ସହ ଫୋନ୍‌ରେ ଆଲୋଚନା କରିଥିଲେ। ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନ ହଟାଯିବ ବୋଲି ୱାର୍ଡବାସୀ କହିଥିଲେ। ପୂର୍ବାହ୍ନ ୧୦ଟାରେ ବିଡିଓ ଦାସଙ୍କ ନିର୍ଦ୍ଦେଶରେ ଜଳଯୋଗାଣ ଅଧିକାରୀ ପଦ୍ମନାଭ ଖଣ୍ଡେଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଆସନ୍ତା ୨୮ ତାରିଖ ମଧ୍ୟରେ ଏକ ନଳକୂପ ଖନନ କରାଯିବ। ଏହାଦ୍ୱାରା ପାନୀୟଜଳ ସମସ୍ୟା ଦୂରହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ।

### ଅସହାୟ ଝିଅପୁଅଙ୍କ ପାଖରେ ପହଞ୍ଚିଲେ ଗରିବର ବନ୍ଧୁସଦସ୍ୟ

ପୋଲସରା, ୨୩।୨(ସୁବ୍ରତ ବେହେରା)

ପୋଲସରା ବ୍ଲକ ହାତୀଓଟ ଗ୍ରାମ ବଡ଼ ସାହିର କଂଗ୍ରେସ ସାହୁଙ୍କ ପରିବାର କହିଲେ ୮ ଜଣ। ୪ ଝିଅ ଓ ୨ ପୁଅଙ୍କ ମଧ୍ୟରୁ ୨ ଝିଅ ବିବାହ କରିଛନ୍ତି। କଂଗ୍ରେସ ଦୀର୍ଘ ଦିନ ହେବ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁର ୪ଦିନ ପରେ ତାଙ୍କ ସ୍ତ୍ରୀ କସ୍ତୁରୀ ମଧ୍ୟ ଆରପାରିକୁ ଚାଲିଗଲେ। ୮ ମାସ ତଳେ ତାଙ୍କର ଜଣେ ଝିଅର ମଧ୍ୟ ମୃତ୍ୟୁ ଘଟିଥିଲା। ଏବେ ବାପା ମା ଛେଉଣ୍ଡ ହୋଇ ଯାଇଛନ୍ତି ୩ ଝିଅପୁଅ। ଏଭଳି ଦୁଃଖଦ ସମୟରେ ଗରିବର ବନ୍ଧୁ ଟ୍ରଷ୍ଟର ସଭାପତି ସୁବ୍ରତ ବେହେରା ଓ ସମସ୍ତ ସଦସ୍ୟ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତାର ହାତ ବଢାଇଛନ୍ତି। କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହାୟତା କରିବାକୁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି। ଅଧିର ସାହୁ, ପ୍ରଦୀପ ପ୍ରଧାନ, ସୂର୍ଯ୍ୟ ନାରାୟଣ ମହାରଣା, ବୁଲୁ ସାହୁ, ଶଙ୍କର ସାହୁ, ନାରାୟଣ ମହାରଣା, କେଦାର ପ୍ରଧାନ, ପ୍ରଶାନ୍ତ ନାହାକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ

କବିସୂର୍ଯ୍ୟନଗର,୨୩।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଆଇବିଛକସ୍ଥିତ ପ୍ରଭୁପ୍ରୀତ୍ ଭବନସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଆସ୍ଥା ଶାନ୍ତି ଶକ୍ତି ଭବନ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ କବିସୂର୍ଯ୍ୟ ନଗର ଏନ୍‌ଏସିର ଚେୟାରପର୍ସନ ଲକ୍ଷ୍ମୀପ୍ରିୟା ସେଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସା ବିଦ୍ୟା ଜା ବିମୁକ୍ତୟେ ଅର୍ଥାତ୍ ଯେଉଁ ବିଦ୍ୟା ମୁକ୍ତିର ଦ୍ୱାର ଖୋଲିଥାଏ ତାହା ହିଁ ବିଦ୍ୟା। ଉକ୍ତ ବିଦ୍ୟା ଏହି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପରମ ପିତା ଶିବ ହିଁ ଦେଇଥାନ୍ତି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ରାଜଯୋଗିନୀ ପ୍ରଭାତୀ ଦିଦି ଶିବ ଜୟନ୍ତୀ ପାଳନର ଆଧ୍ୟାତ୍ମିକ ରହସ୍ୟ ଉପରେ ମତ ରଖିଥିଲେ। ଶେଷରେ କବିସୂର୍ଯ୍ୟନଗର ସ୍ଥିତ ରଘୁନାଥ ପାଟଣାସାହିରେ ଏକ ନୂତନ ସେବାକେନ୍ଦ୍ରର ପ୍ରତିଷ୍ଠା ତଥା ଗୃହ ପ୍ରବେଶ ଉତ୍ସବ ପାଳିତ ହୋଇଥିଲା। ଏଥିରେ ୩ଶହରୁ ଉର୍ଦ୍ଧ୍ୱ ବ୍ରହ୍ମାକୁମାରୀ ଭଉଣୀଭାଇ ଯୋଗଦେଇଥିଲେ ।

### ବୃଦ୍ଧଙ୍କୁ ରକ୍ତଦାନ କରି ଡିଏଫ୍‌ଓ ଉଦାହରଣ ସାଜିଲେ



ଡିଏଫଓ ବିନୋଦ ଆଚାର୍ଯ୍ୟ ରକ୍ତଦାନ କରୁଛନ୍ତି।

ଭଞ୍ଜନଗର, ୨୩।୨(ବାବୁଲା ପ୍ରଧାନ)

ଖରାଦିନେ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ପଡ଼ିଥାଏ। ରକ୍ତଦାନ କଲେ ରକ୍ତ କମିଯିବ ଭାବି କେତେଜଣ ରକ୍ତଦାନ କରି ନ ଥାନ୍ତି। କିନ୍ତୁ ଜଣେ ସୁସ୍ଥ ବ୍ୟକ୍ତି ରକ୍ତଦାନ କଲେ କିଛି ଅସୁବିଧା ନାହିଁ। ରବିବାର ଭଞ୍ଜନଗର ମେଡ଼ିକାଲରେ ଜଣେ ବୃଦ୍ଧଙ୍କ ପାଇଁ ରକ୍ତ ଅଭାବ ପଡ଼ିଲା। ଏହି ଖବର ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ପାଖରେ ପହଞ୍ଚିବା ପରେ ଅପରାହ୍ନରେ ସେ ଭଞ୍ଜନଗର ବ୍ଲଡ ବ୍ୟାଙ୍କରେ ପହଞ୍ଚି ରକ୍ତଦାନ କରିଥିଲେ। ଉକ୍ତ ରକ୍ତ ଚିକିତ୍ସିତ ହେଉଥିବା ବୃଦ୍ଧ ଜଗନ୍ନାଥପ୍ରସାଦ ବ୍ଲକ କୁମୁଣ୍ଡାର ମନୋରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଡିଏଫଓ ଆଚାର୍ଯ୍ୟ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପୁରାତନ ଛାତ୍ର । ୧୯୮୮ରେ ଜଣେ ଏନସିସି ସିନିୟର ଅଣ୍ଡର ଅଫିସର୍ ମଧ୍ୟ ଥିଲେ। ଛାତ୍ର ଜୀବନରୁ ବିଭିନ୍ନ ସମାଜ ସେବାରେ ଜଡ଼ିତ ଥିବା ଆଚାର୍ଯ୍ୟ ରବିବାର ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ରକ୍ତଦାନ ସମୟରେ ବରିଷ୍ଠ ରକ୍ତଦାତା ଜୟକୃଷ୍ଣ ପଟ୍ଟନାୟକ, ବଟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡିଏଫଓଙ୍କ ଏଭଳି କାର୍ଯ୍ୟ ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଆସୁଛି।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଗଜଜ୍ୟୋତି କାର୍ଯ୍ୟକ୍ରମ



ବାର୍ଷିକ ଉତ୍ସବ ଗଜଜ୍ୟୋତି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୨୩।୨(ଗିରିଧାରୀ ପରିଚ୍ଛା)

ସ୍ଥାନୀୟ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବିଶ୍ୱ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗଜଜ୍ୟୋତି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ପ୍ରଜ୍ଞାପନ ମେଢ଼ ସବୁ ମୁଖ୍ୟ ଆକର୍ଷଣୀୟ ହୋଇଥିଲା। ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକମାନେ ନିଜ କଳା କୌଶଳ ପ୍ରଦର୍ଶନ କରିଥିଲେ। ଶେଷ ରାତ୍ରିରେ ଶିକ୍ଷକ ପ୍ରଦର୍ଶନୀରେ ଶିକ୍ଷକମାନେ ମଞ୍ଚରେ ମନୋରଞ୍ଜନ କାର୍ଯ୍ୟକ୍ରମ କରିଥିଲେ। ପ୍ରୋଜେକ୍ଟ ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରୋଜେକ୍ଟ ଓ ଆଇଡିଆ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଏକ ଷ୍ଟାର ନାଇଟ ଆୟୋଜିତ ହୋଇଥିଲା। ପ୍ରସିଦ୍ଧ ଗାୟକ ଏଲ ବି ରେବନ୍ତ ଡିଜେ ମିଷ୍ଟି ପ୍ରଦର୍ଶନ କରିଥିଲେ। ଗୀତର ତାଳେତାଳେ ଛାତ୍ରୀଛାତ୍ରମାନେ ଝୁମି ଉଠିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ଉପସଭାପତି ଡିଏନ ରାଓ, ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ଦୁର୍ଗା ପ୍ରସାଦ ପାଢ଼ୀ, ସମିତ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ରୁତୁଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ।

ବାଲିଗୁଡା,୨୩।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ରୁତୁଙ୍ଗିଆ ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ବାର୍ଷିକୋଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବାଲିଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ସୁବାଷ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ଭାବେ ରୁତୁଙ୍ଗିଆ ପଞ୍ଚାୟତ ସରପଞ୍ଚ ପିଙ୍କି ପ୍ରଧାନ, ଫାଦର ଭିନେସେଣ୍ଟ ଭେଙ୍ଗରା, ପଦ୍ମ ଚରଣ ତ୍ରିପାଠୀ, ସୁଧାଂଶୁ ପ୍ରଧାନ ପ୍ରମୁଖ ଯୋଗ ଦେଇ ଶିକ୍ଷା–ଶିକ୍ଷକ ଓ ଛାତ୍ରୀଛାତ୍ରର ଗୁରୁତ୍ୱ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଛତ୍ରପୁର,୨୩।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)



ଅତିଥିଙ୍କ ଗହଣରେ ପୁରସ୍କୃତ ପିଲାମାନେ।

ଛତ୍ରପୁର ବ୍ଲକ କେରାଣ୍ଡିତୋଳା ନାରାୟଣପୁର ଗ୍ରାମ ବରିଷ୍ଠ ନାଗରିକ ମଞ୍ଚର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରି ବର୍ତ୍ତମାନ ମା’ ବାପା ପରିବାରରେ ଦୟନୀୟ ସ୍ଥିତିରେ ରହିବା ଅତ୍ୟନ୍ତ ଦୁଃଖଦାୟକ, ଏ ଦିଗରେ ବରିଷ୍ଠ ନାଗରିକ ମଞ୍ଚ ଦୃଷ୍ଟି ଦେବା ପାଇଁ ସେ ଅନୁରୋଧ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ପାଇଁ ଏକ ବୈଠକ ଗୃହ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚର ସଭାପତି ନରହରି ପ୍ରଧାନଙ୍କ ପୌରହତ୍ୟରେ ପରିଚାଳିତ କାର୍ଯ୍ୟକ୍ରମରେ ମଞ୍ଚର ଆଇନ ପରାମର୍ଶ ଦାତା ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ନବୀନର ସମ୍ପାଦକ ରବି ରଥ ସମ୍ମାନିତ ଅତିଥି ରୂପେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାର ବରିଷ୍ଠ ନାଗରିକ ମାନଙ୍କର ବହୁବିଧ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ.ସାରଦା ରେଡି, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ପୂର୍ବତନ ସରପଞ୍ଚ କୁମାରୀ ପ୍ରଧାନ, ସମିତି ସଭ୍ୟା ମୀନା କୁମାରୀ ସାହୁ, ଓକିଲ ପ୍ରଦୀପ ପାଢୀ, ସମାଜିକ କର୍ମୀ ବୁନୁ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ସଂପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା କୋରା ମହାରଣା ସ୍ୱାଗତ ଭାଷଣ ଦେଇଥିଲେ।

ଏହି ଅବସରରେ ଗ୍ରାମର ଆଦର୍ଶ କୃଷକ,ଆଦର୍ଶ ଶ୍ରମିକ, ଆଦର୍ଶ କଳାକାର ଓ ଆଦର୍ଶ କାରିଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଆଶୁତୋଷ ସାହୁ ଓ ଛାତ୍ରୀ ପ୍ରାଚୀ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ଶ୍ରେଷ୍ଠ ସମାଜ ସେବୀ ରୂପେ ରୋଟାରିଆନ ସୁଧାଂଶୁଶେଖର ଖଡ୍ଗରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ମଞ୍ଚର ସଂଯୋଜକ କାମରାଜୁ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶୁଖୁଛି ମହେନ୍ଦ୍ରତନୟା, ଚାଷଜମିକୁ ଜଳାଭାବ

ପାରଳାଖେମୁଣ୍ଡି,୨୩।୨(ଗିରିଧାରୀ ପରିଚ୍ଛା)

ଶୁଖିବାକୁ ଗଲାଣି ଚିରସ୍ରୋତା ମହେନ୍ଦ୍ର ତନୟା ନଦୀ। ଗ୍ରୀଷ୍ମ ଋତୁ ଆରମ୍ଭରୁ ହିଁ ଦେଖା ଦେଲାଣି ଜଳ ସଙ୍କଟ । ମହେନ୍ଦ୍ର ତନୟା ନଦୀ ଜଳ ଉପରେ ନିର୍ଭର କରୁଥିବା ଗୋଷାଣି ଓ ରାୟଗଡ ବ୍ଲକର ହଜାର ହଜାର ହେକ୍ଟର ଚାଷ ଜମିରେ ପରିବା ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ। ଗତବର୍ଷ ବର୍ଷା ଅଭାବ ଏବଂ ଝରଣାର ସ୍ରୋତ କମିବା ଫଳରେ ଚିରସ୍ରୋତା ମହେନ୍ଦ୍ର ତନୟା ସମ୍ପୂର୍ଣ୍ଣ ଶୁଖି ଯାଇଥିଲା, ଯାହା ସମସ୍ତଙ୍କୁ ଚକିତ କରିଥିଲା। ମାତ୍ର ଚଳିତ ବର୍ଷ ଗ୍ରୀଷ୍ମଋତୁ ଆରମ୍ଭରୁ ହିଁ ନଦୀ ଶୁଖିବାକୁ ବସିଲାଣି। ଫଳରେ ଗୋଷାଣୀ ବ୍ଲକର ଅଗରଖଣ୍ଡି, କେରାଣ୍ଡି, ଉପଲଡା, ଖରସଣ୍ଡା, ମଧୁସୂଦନପୁର, ବାଘସାଳା, କତଲକଇଠା ଆଦି ପଞ୍ଚାୟତର ଶତାଧିକ ପରିବା ଚାଷୀ ପରିବା ଚାଷ ପାଇଁ ମହେନ୍ଦ୍ରତନୟା ନଦୀ ଜଳ ଉପରେ ନିର୍ଭର କରିଥାନ୍ତି। ଗତବର୍ଷ ପରି ଚଳତ ବର୍ଷ ମଧ ଜଳସେଚନରେ ସମସ୍ୟା ଦେଖା ଦେଇଛି। ଅନ୍ୟ ପକ୍ଷରେ ଶିରିପୁର ନିକଟରେ ଥିବା ଆନିକଟରେ ନଦୀ ଜଳକୁ ଉପର ମୁଣ୍ଡକୁ ଛାଡି ଦିଆଯାଇଛି। ଯାହାଦ୍ୱାରା ଉଠା ଜଳସେଚନ ପ୍ରକଳ୍ପକୁ ପାଣି ପାଉନାହିଁ ଏବଂ ବଳକା ଜଳ ଆନିକଟ ଦେଇ ଆନ୍ଧ୍ରକୁ ଚାଲିଯାଉଛି। ଏନେଇ ସମାଧାନ ପନ୍ଥା ବାହାର କରିବାକୁ ଗୋଷାଣି ବ୍ଲକର ଚାଷୀ ଓ ଜନ ପ୍ରତିନିଧି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓଙ୍କୁ ଜଣାଇଥିଲେ। ଏ ନେଇ ଜଲା ପରିଷଦ ଅଧ୍ୟକ୍ଷ ରାଓ ଏବଂ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଜିଲାପାଳ ବିଜୟ କୁମାର ଦାସଙ୍କ ସହ ଆଲୋଚନା କରିଥିଲେ। ସବୁ ଶୁଣି ସାରି ଜିଲାପାଳ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଶିକ୍ଷା ସମ୍ପର୍କିତ ଆଲୋଚନା ଚକ୍ର ଉଦ୍‌ଯାପିତ




ଜି.ଉଦୟଗିରି, ୨୩।୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ କଳିଙ୍ଗା ସ୍ଥିତ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ତରଫରୁ ପ୍ରଫେସର ଡ.ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ନୂତନ ଶିକ୍ଷାନୀତି ୨୦୨୦ର ବିଷୟବସ୍ତୁରେ ‘ଶିକ୍ଷକ ଶିକ୍ଷାର ଆଦର୍ଶ (ପାରାଡ଼ିଗମ) ପରିବର୍ତ୍ତନ’ ଶୀର୍ଷକକୁ ନେଇ ଆୟୋଜିତ ଜାତୀୟସ୍ତରୀୟ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥିଭାବେ ଫୁଲବାଣୀ ବିଏଡ କଲେଜ ଅଧ୍ୟକ୍ଷ ମଧୁପ ସୁନା, ବ୍ରହ୍ମପୁର ସିଟି ସ୍କୁଲ ଅଧ୍ୟାପକ ଅଜୟ ପେଣ୍ଟଇ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗ ଦର୍ଶନ କରିଥିଲେ। ସହ ସଂଯୋଜକ ଆସିଷ୍ଟାଣ୍ଟ ପ୍ରଫେସର ସୁବ୍ରତ ପାଢ଼ୀ, ମୋନାଲିସା ନାୟକ, ସୌମ୍ୟରଞ୍ଜନ ନାୟକ, ଭେଙ୍କଟେଶ ରେଡ୍ଡୀ, ସୁଶାନ୍ତ ରଣା, ବିକ୍ରମ ପ୍ରଧାନ, ବିଚିତ୍ର ବେହେରା, ଲକ୍ଷ୍ମୀ ପ୍ରିୟା ନାୟକ ଓ ମହାବିଦ୍ୟାଳୟର ସମସ୍ତ ସହକର୍ମୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଛଟେଇ ଅଣ ଆନୁଷ୍ଠାନିକ ଶିକ୍ଷକଙ୍କୁ ପୁନଃନିଯୁକ୍ତି ଦାବି

ରାମଗିରି, ୨୩।୨(ବୃନ୍ଦାବନ ଗୌଡ଼)

ଶିକ୍ଷାର ପୁନରୁଦ୍ଧାର ପାଇଁ ନନଫର୍ମାଲ ଏଜୁକେଶନ ଶିକ୍ଷା ୧୯୭୯ରେ ରାଜ୍ୟରେ ପ୍ରଚଳନ କରାଯାଇଥିଲା। ସେହି ସମୟରେ ଶିକ୍ଷକଙ୍କ ଦରମା ଥିଲା ମାତ୍ର ୧୦୫ ଟଙ୍କା। ବିଜୁବାବୁଙ୍କ ସମୟରେ ଏହି ଦରମାକୁ ବଢ଼ାଯାଇ ୨୦୦ଟଙ୍କା କରାଯାଇଥିଲା। ବିଗତ ସରକାର ୨୦୦୩ରେ ଇଜିଏସ ଶିକ୍ଷା ଯୋଜନା ଆରମ୍ଭ କରି ଏନ୍‌ଏଫ୍‌ଇଙ୍କୁ ଅଗ୍ରାଧିକାର ଦେଇଥିଲେ ମଧ୍ୟ ଗ୍ରାମୀଣ କମିଟି ଦ୍ୱାରା ପରିଚାଳିତ ନନ୍‌ଫର୍ମାଲ ଶିକ୍ଷକ ଛଟେଇ ହୋଇଥିଲେ। କାରଣ ସରକାର ଏହି ଇଜିଏସ୍ ଶିକ୍ଷା ନୀତିରେ ଜଣେ ଶିକ୍ଷକ ଗ୍ରାମାଞ୍ଚଳରେ ବସବାସ କରୁଥିବେ ଏବଂ ସରକାରୀ ତଥ୍ୟ ଗ୍ରାମୀଣ ହୋଇଥିବ ଏହାକୁ ସରକାର ଲାଗୁ କରିଥିବା ଯୋଗୁ ଗ୍ରାମୀଣରେ କୌଣସି ନଥିପତ୍ର ନ ଥିବା କାରଣରୁ ଏଥିରୁ ବାଦ୍ ପଡ଼ିଥିଲେ। ଏହି କାରଣରୁ ପରିବାର ଭରଣ ପୋଷଣ କରିବା କଠିନ ହୋଇପଡ଼ିଥିଲା। ଏମିତିରେ ପୂର୍ବତନ ସରକାର ୨୦୦୯ରେ ଛଟେଇ ହୋଇଥିବା ଶିକ୍ଷକଙ୍କୁ ଥଇଥାନ କରିବା ପାଇଁ ନିର୍ବାଚନ ଇସ୍ତାହାରରେ କହିଥିଲେ।

ଏହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ସଂଖ୍ୟା (୧୦୨୫–୫–୨୦୧୧ ୧୦୮ ୫୦ ୨୦୧୭, ୧୨୨୭ ୬୩–୨୦୧୭) ଚିଠି ମଧ୍ୟରେ ରିପୋର୍ଟ ମଗାଯାଇଥିଲା। ଶେଷରେ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶନାମା ମଧ୍ୟ ଅଛି। ତେବେ ଏହାକୁ ନେଇ କିଛି କାର୍ଯ୍ୟକାରୀ କରାଯାଇନାହିଁ। ଚଳିତ ସରକାର ଏଥିପ୍ରତି ଦୃଷ୍ଟିଦେବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ଅଗଷ୍ଟ ବିଧାନସଭା ଅଧିବେଶନରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶାରେ ଅଣ ଆନୁଷ୍ଠାନିକ ଶିକ୍ଷା କେଉଁ ମସିହାରେ ଆରମ୍ଭ କରାଯାଇଥିଲା। କେତେ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ କେଉଁ କାରଣରୁ ଓ କେବେ ଅଣ ଆନୁଷ୍ଠାନିକ ଶିକ୍ଷାକୁ ବନ୍ଦ କରିଦିଆଗଲା ଏବଂ ଅଣ ଆନୁଷ୍ଠାନିକ ଶିକ୍ଷା ବନ୍ଦ ହେବା ପରେ କେତେ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛଟେଇ କରାଗଲା। ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଗଣଶିକ୍ଷକ ଭାବେ ପୁନଃ ନିଯୁକ୍ତି ଦିଆଗଲା ଓ ବର୍ତ୍ତମାନ ସୁଦ୍ଧା ଆଉ କେତେଜଣ ଅଣ ଆନୁଷ୍ଠାନିକ ଶିକ୍ଷକ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଇନାହିଁ ଏବଂ ସରକାର ସେମାନଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ସୁଯୋଗ ଦେବା ପାଇଁ ଦାବି ରଖିଥିଲେ। ଏଥି ମଧ୍ୟରେ ସରକାରଙ୍କ ପକ୍ଷରୁ ମେମୋ ନମ୍ବର ୮୨୮୬ ଅଗଷ୍ଟ ୨୦୨୪ ପ୍ରକାରେ ଓଡିଶା ଶିକ୍ଷା ବିଭାଗକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆଜିପର୍ଯ୍ୟନ୍ତ ଗଜପତି ଜିଲା ଶିକ୍ଷା ବିଭାଗ ଦ୍ୱାରା ଏହାକୁ ଗୁରୁତ୍ୱ ଦିଆଯାଇନଥିବା ଏବଂ ଏହି ବିଷୟ ଉପରେ ସରକାରଙ୍କ ଦୃଷ୍ଟି ପଡ଼ି ନ ଥିବା ମତ ପ୍ରକାଶ କରିଛନ୍ତି ଗଜପତି ଜିଲା ଛଟେଇ ଶିକ୍ଷକମାନେ। ତେଣୁ ତୁରନ୍ତ ଏ ବିଷୟ ଉପରେ ଶିକ୍ଷା ବିଭାଗ ସହ ଆଲୋଚନା କରି ଛଟେଇ ଶିକ୍ଷକଙ୍କୁ ପୁନଃ ଥଇଥାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଜିଲା ଛଟେଇ ଶିକ୍ଷକ ସଂଘ ଦାବି କରିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-07, ତା.17.02.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ଦୂରସଂଞ୍ଚର / ରେଢ଼ାଖୋଲ ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଞ୍ଚର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 61,29,929.40, EMD (₹) : 1,22,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 11.03.2025 ରିଖ 1100 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-1013/P/24-25

# ସ୍ତ୍ରୀଙ୍କୁ ମହାକୁମ୍ଭ ବୁଲାଇବାକୁ ନେଇ ହତ୍ୟା

ପ୍ରୟାଗରାଜ, ୨୩।୨

ଉତ୍ତରପ୍ରଦେଶ ପ୍ରୟାଗରାଜରେ ମହାକୁମ୍ଭ ମେଳା ଚାଲିଥିବାବେଳେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଦିଲ୍ଲୀର ତ୍ରିଲୋକପୁରୀ ଅଞ୍ଚଳର ଅଶୋକ କୁମାର ସ୍ତ୍ରୀ ମୀନାକ୍ଷୀଙ୍କୁ ନେଇ ଗତ ୧୮ ତାରିଖରେ ପ୍ରୟାଗରାଜ ଆସିଥିଲେ। ସେଠାରେ ସେ ସ୍ତ୍ରୀଙ୍କ ସହ ମିଶି ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଥିଲେ। ଏହାର କିଛି ଫଟୋ ଏବଂ ଭିଡିଓକୁ ଅଶୋକ ନିଜ ସୋସିଆଲ ମିଡିଆରେ ଛାଡ଼ିବା ସହ ନିଜ ପିଲାମାନଙ୍କୁ ପଠାଇଥିଲେ। ୧୮ ରାତିରେ ରହିବା ପାଇଁ ସେ ପ୍ରୟାଗରାଜ ଝୁସି ଅଞ୍ଚଳରେ ଏକ ଲଜ୍ ବୁକ୍ କରିଥିଲେ। ତେବେ ୧୯ ତାରିଖ ସକାଳେ ଉକ୍ତ ଲଜ୍‌ରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୀନାକ୍ଷୀଙ୍କର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା ଓ ଅଶୋକ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଓ ମୀନାକ୍ଷୀଙ୍କ ଫଟୋକୁ ନେଇ ଘଟଣାର ତଦନ୍ତ ଜାରି ରଖିଥିଲା। ଶେଷରେ ରବିବାର ପ୍ରୟାଗରାଜ ପୋଲିସ ଅଭିଯୁକ୍ତ ଅଶୋକଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପଚରାଉଚରା ସମୟରେ ଅଶୋକ ନିଜ ଅପରାଧକୁ ସ୍ୱୀକାର କରିବା ସହ ଗତ ୩ ମାସ ଧରି ମୀନାକ୍ଷୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିଲେ ବୋଲି କହିଛନ୍ତି। ଅନ୍ୟଜଣେ ମହିଳାଙ୍କ ସହ ତାଙ୍କର ସମ୍ପର୍କ ଥିଲା। ତେଣୁ ସେ ପ୍ରୟାଗରାଜର ଲଜ୍‌ରେ ଛୁରିରେ ମୀନାକ୍ଷୀଙ୍କର ଗଳାକାଟି ହତ୍ୟା କରିଥିବା ଅଶୋକ କହିଛନ୍ତି। ତେବେ ହତ୍ୟାକାଣ୍ଡ ଘଟାଇବା ପରେ ମୀନାକ୍ଷୀ ନିଖୋଜ ହୋଇଯାଇଥିବା ନେଇ ଅଶୋକ ତାଙ୍କ ୨ ପୁଅଙ୍କୁ କହିଥିଲେ। ଅଶୋକଙ୍କ ଏହି କଥାରେ ତାଙ୍କ ୨ ପୁଅଙ୍କ ସନ୍ଦେହ ହେବାରୁ ସେମାନେ ମୀନାକ୍ଷୀଙ୍କ ଫଟୋ ସହ ପ୍ରୟାଗରାଜ ଆସି ପୋଲିସ ସହ ସମ୍ପର୍କ କରିଥିଲେ। ଫଳରେ ଅଶୋକଙ୍କୁ ଧରିବାରେ ପୋଲିସକୁ ସହାୟକ ହୋଇଥିଲା।



ଅଭିଯୁକ୍ତ ଅଶୋକ କୁମାର ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ

# ଯୁବତୀଙ୍କୁ ଗଣବଳାତ୍କାର, ଜଣେ ଗିରଫ

ବଡ଼ବିଲ, ୨୩।୨ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସୟ ମୁଣ୍ଡା ଓରଫ ବିଷ୍ଣୁ। ରବିବାର ସନ୍ଧ୍ୟାରେ ବିଷ୍ଣୁଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ଗତ ରବିବାର ଅର୍ଥାତ୍ ୧୬ ତାରିଖରେ ୨ ଜଣ ଉକ୍ତ ଯୁବତୀଙ୍କୁ ବଳପୂର୍ବକ ଟେକିନେଇ ଝାଡ଼ଗାଁ-ରୋଇଡ଼ା ରାସ୍ତାକଡ଼ ଜଙ୍ଗଲରେ ଗଣବଳାତ୍କାର କରିଥିଲେ। ପୀଡ଼ିତା ଜଣକ ଅଚେତ ହୋଇଯିବାରୁ ଅଭିଯୁକ୍ତଦ୍ୱୟ ଘଟଣାସ୍ଥଳରେ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ୧୭ ତାରିଖ ସକାଳେ ଯୁବତୀ ଜଣକ ଘରକୁ ଫେରି ଘଟଣା ସମ୍ପର୍କରେ କହିଥିଲେ। ଏ ନେଇ ପରିବାର ଲୋକେ ୧୮ ତାରିଖରେ ରୁଗୁଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ରୁଗୁଡ଼ି ପୋଲିସ ଏକ ମାମଲା(ନଂ.୯/୨୦୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ରୁଗୁଡ଼ି ଥାନା ଅଧିକାରୀ ତରଣୀସେନ ବାଗ୍ କହିଛନ୍ତି, ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ଲାଞ୍ଚ ନେବାବେଳେ ୨ କୃଷି ଅଧିକାରୀଙ୍କୁ ଧରିଲା ଭିଜିଲାନ୍ସ

ଉମରକୋଟ, ୨୩।୨ (ସନ୍ତୋଷ ଶତପଥୀ)

## ଜଳନିଧି ଯୋଜନାରେ ସବ୍‌ସିଡି ଅର୍ଥ କରାଇଦେବାକୁ ନେଉଥିଲେ ୫ ହଜାର

ଜଳନିଧି ଯୋଜନାରେ ସବ୍‌ସିଡି ଅର୍ଥ କରିବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ନବରଙ୍ଗପୁର ଭିଜିଲାନ୍ସ ବିଭାଗ ଉମରକୋଟ କୃଷି ବିଭାଗର ୨ ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଉମରକୋଟ ସହକାରୀ କୃଷି ଅଧିକାରୀ ନୀଳକଣ୍ଠ ପରିଡ଼ା ଓ ବୈଷୟିକ ମ୍ୟାନେଜର ସୁରେନ୍ଦ୍ର ସିଂ ବୁନ୍ଦେଲା।

ସୂଚନାନୁଯାୟୀ, ଉମରକୋଟ ବ୍ଲକ ଜାମପଦର ଗ୍ରାମର ଲକ୍ଷ୍ମୀଧର ମାଝି ଜମିରେ ନଳକୂପ ଓ ବିଦ୍ୟୁତ୍ ସଂଯୋଗ ପାଇଁ ସବ୍‌ସିଡି ଅର୍ଥ ମଞ୍ଜୁର କରିବାକୁ କୃଷି କାର୍ଯ୍ୟାଳୟରେ ଜଣାଇଥିଲେ। ଏ ନେଇ ନୀଳକଣ୍ଠ ଓ ସୁରେନ୍ଦ୍ର ୫ ହଜାର ଟଙ୍କା ଦାବି କରିଥିଲେ। ଘଟଣା ସମ୍ପର୍କରେ ଲକ୍ଷ୍ମୀଧର ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ଅନୁସାରେ ୨ କୃଷି ଅଧିକାରୀ ଲାଞ୍ଚ ଅର୍ଥ ନେବା ପାଇଁ ଜାମପଦର ଗାଁକୁ ଯାଇଥିଲେ। ତେବେ ପୂର୍ବ ଯୋଜନା ମୁତାବକ ଲକ୍ଷ୍ମୀଧର ରଙ୍ଗ ବୋଳା ଟଙ୍କା ୨ ଅଧିକାରୀଙ୍କୁ ଦେବା ସମୟରେ



ନିଖିଳାନନ୍ଦ ପରିଡ଼ା ଓ ସୁରେନ୍ଦ୍ର ସିଂ ବୁନ୍ଦେଲା

ଭିଜିଲାନ୍ସ କର୍ମଚାରୀ ସେମାନଙ୍କୁ କାବୁ କରିଥିଲେ। ଉଭୟଙ୍କଠାରୁ ରଙ୍ଗ ବୋଳା ୫ହଜାର ଟଙ୍କା ଜବତ କରାଯାଇଛି। ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ୧୫ ଜଣିଆ ଟିମ୍ ଉଭୟଙ୍କ ଉମରକୋଟସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟରେ ତଲାସୀ କରିଥିଲେ। ସେଠାରୁ ମୂଲ୍ୟବାନ କାଗଜପତ୍ର ଧରି ଭିଜିଲାନ୍ସ ଅଧିକାରୀମାନେ ନବରଙ୍ଗପୁର ନେଇଥିବା ସୂଚନା ମିଳିଛି।

# ଗୋରୁ ବ୍ୟବସାୟୀଙ୍କୁ ମାଡ଼ମାରି ୪ ଲକ୍ଷ ନେଇଗଲେ

ପାଟଣା, ୨୩।୨ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦୁଝର ଡୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ରବିବାର ଅପରାହ୍ନ ୨ଟାରେ ଲୁଟ୍ ହୋଇଛି। ଜଣେ ଗୋରୁ ବ୍ୟବସାୟୀଙ୍କୁ ୬ ଦୁର୍ବୃତ୍ତ ମାଡ଼ମାରି ୪ ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତଙ୍କ ମାଡ଼ରେ ବ୍ୟବସାୟୀ ଡଳଙ୍ଗ ଗ୍ରାମର ସଂକୀର୍ତ୍ତନ ହାତୀଙ୍କ ମୁଣ୍ଡ ଫାଟିଯାଇଛି।

ସଙ୍କୀର୍ତ୍ତନ ବେଲଦା ସାପ୍ତାହିକ ହାଟରେ ଗୋରୁ ବିକ୍ରିକରି ଟଙ୍କା ନେଇ ଘରକୁ ଫେରୁଥିଲେ। ୬ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ୨ଟି କଳା ପଲ୍‌ସର ଓ ୧ ନାଲି ପଲ୍‌ସରରେ ଆସି ତାଙ୍କୁ ଡାବରଚୁଆ ନିକଟରେ ଅଟକାଇଥିଲେ। ୨ ଜଣ ହାତକୁ ଟାଣି ଧରିଥିଲେ ଏବଂ ଜଣେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ପରେ ଦୁର୍ବୃତ୍ତମାନେ ଟଙ୍କା ସହ ତାଙ୍କ ମୋବାଇଲ ନେଇ ଡାବରଚୁଆଆଡ଼େ ଫେରାର ହୋଇଯାଇଥିଲେ। ପରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।


ଆହତ ଗୋରୁ ବ୍ୟବସାୟୀ।

# ବିସ୍ଫୋରକ ସାମଗ୍ରୀ ଜବତ



ମାଲକାନଗିରି, ୨୩।୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଦ୍ୱାରା ଜବତ ହୋଇଛି। ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ଦୁଇଟି ଦେଶୀ ବନ୍ଧୁକ, ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର, ଅଫୁଟା ଗୁଳି, ଔଷଧ ଖୋଳ, ୫ଇଞ୍ଜେକ୍ସନ୍, ବିସ୍ଫୋରକ ପାଉଡର, ମାଓବାଦୀ ପୁସ୍ତିକା, ଡାଏରି, ପୋଷାକ ଓ ଶାଢି ଇତ୍ୟାଦି ଜବତ କରାଯାଇଛି। ସୂଚନାଯୋଗ୍ୟ, ଜିଲା ପୋଲିସ ଓ ୨୦୩ କୋବ୍ରା, ୧୩୧ ସିଆର୍‌ପିଏଫ୍ ବାହିନୀ ଚିନ୍ତାଗୁଫା ଜଙ୍ଗଲରେ ସର୍ଚ୍ଚ କରୁଥିଲେ। ପିନାଚନ୍ଦା, ମୁଣ୍ଡରାଜଗୁଡେମ, ଚିନ୍ତାବାଗୁ ନଦୀ ଓ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ସମୟରେ ଗୁଣ୍ଡରାଜଗୁଡେମ ଗ୍ରାମଠାରୁ ଦେଢ କି.ମି. ଦୂରରେ ଚିନ୍ତାବାଗୁ ନଦୀ ତଟରେ ଥିବା ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିସ୍ଫୋରକ ଓ ହତିଆର ଜବତ କରାଯାଇଛି।

# ମହିଳାଙ୍କୁ ସାହାଯ୍ୟ ଆଳରେ ୧୭ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୩।୨ (ସୂର୍ଯ୍ୟକାନ୍ତ ବେହେରା)

ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଜଣେ ମହିଳା ଛାଡ଼ପତ୍ର ମାମଲାରେ ସହାୟତା ମାଗି ଠକେଇର ଶିକାର ହୋଇଛନ୍ତି। ଜଣେ ଯୁବକ ତାଙ୍କୁ ଛାଡ଼ପତ୍ରର ମିଥ୍ୟା ପେପର ଧରାଇ ପର୍ଯ୍ୟାୟକ୍ରମେ ୧୭ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ମହିଳାଙ୍କ ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜଗତପୁରର ସୱନ ରାଉତ। ଜାମିନ ନ ମିଳିବାରୁ ସୱନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ପୀଡିତା ମହିଳା ୨୦୦୯ରେ ବିବାହ କରିଥିବା ବେଳେ ତାଙ୍କର ଏକ କନ୍ୟା ସନ୍ତାନ ଅଛନ୍ତି। ପାରିବାରିକ ବିବାଦ କାରଣରୁ ୨୦୧୨ରୁ ମହିଳାଙ୍କୁ ତାଙ୍କ ସ୍ୱାମୀ ଛାଡି ଅନ୍ୟତ୍ର ରହିବା ସହ ଝିଅକୁ ନିଜ ପାଖରେ ରଖିଛନ୍ତି। ସେବେଠାରୁ ମହିଳା ଜଣକ ଏକାକୀ ରହୁଥିବାବେଳେ କୋର୍ଟରେ ଛାଡ଼ପତ୍ର ଓ ଝିଅକୁ ଫେରିପାଇବା ଲାଗି ମାମଲା କରିବାକୁ ଚାହୁଁଥିଲେ। ଏଥିପାଇଁ ସେ ବହୁତ ଲୋକଙ୍କୁ ସାହାଯ୍ୟ ମାଗି ନିରାଶ ହୋଇଥିଲେ। ଏହା ଭିତରେ ଇନ୍‌ଷ୍ଟାଗ୍ରାମ୍‌ରେ ଅଭିଯୁକ୍ତ ସୱନଙ୍କ ସହ ମହିଳାଙ୍କର ଚିହ୍ନା ପରିଚୟ ହୋଇଥିଲା। ନିଜ ବାପା ଓ ସମ୍ପର୍କୀୟ ମାମୁ ଓକିଲ ଥିବା କହି ଅଭିଯୁକ୍ତ ଜଣକ ମହିଳାଙ୍କୁ ସାହାଯ୍ୟ କରିବା ଆଳରେ ତାଙ୍କ ନିକଟରୁ ବହୁ ଟଙ୍କା ଏବଂ ସୁନା ଅଳଙ୍କାର ନେଇଥିଲେ। ପରେ ସେ ମହିଳାଙ୍କୁ କୋର୍ଟରେ ଆବେଦନ ହୋଇଥିବା ଏକ ଜାଲ୍ ପେପର ଦେଇଥିଲେ। ଏହା ଜାଣିବା ପରେ ମହିଳା ଜଣକ ଟଙ୍କା ଓ ସୁନା ଫେରାଇ ଦେବାକୁ କହିବାରୁ ଅଭିଯୁକ୍ତ ସୱନ ତାଙ୍କୁ ଗାଳିଗୁଲଜ କରିବା ସହ ପରିବାର ସଦସ୍ୟଙ୍କୁ ମାରିଦେବାର ଧମକ ଦେଉଥିଲେ। ଏପିରିକି ତାଙ୍କ ଝିଅ କଳାଯାଦୁ(ଗୁଣିଗାରେଡି)ର ବଶବର୍ତ୍ତୀ ହୋଇଥିବାରୁ ସେ ଆଉ ଫେରିବନି ବୋଲି ମହିଳାଙ୍କୁ ମନା କରିଦେଇଥିଲେ। ଏହାପରେ ମହିଳା ଜଣକ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହେବାରୁ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିଛି।


ସୱନ ରାଉତ

# ଲିଫ୍ଟ ଦେଇ ଲୁଟ୍ ଘଟଣାରେ ୩ ଗିରଫ

ଚୌଦ୍ୱାର, ୨୩।୨ (ଆଶୁତୋଷ ଦାସ)

କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟର ଜଣେ କିରାଣିଙ୍କୁ ଲିଫ୍ଟ ଦେବା ଆଳରେ ଲୁଟ୍ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ଗ୍ରାମର ତ୍ରିଲୋଚନ ସାମନ୍ତରାୟ, ଆଦିତ୍ୟ କୁମାର ବେହେରା ଓ ସୁନ୍ଦରଗଡ଼ ହସ୍ପିଟାଲ ଛକର ଶିବ ପ୍ରସାଦ ଦାସ। ସେମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହାର ହୋଇଥିବା ଏକ କାର, ଗୋଟିଏ ଖେଳନା ବନ୍ଧୁକ, ଲୁଟ୍ ହୋଇଥିବା କିଛି ଡକ୍ୟୁମେଣ୍ଟ, ଆଧାରକାର୍ଡ ଓ ୫ଟି ମୋବାଇଲ ଫୋନ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଷଣ୍ଢପଲେଇ ଗ୍ରାମର ମାନସ ରଞ୍ଜନ ଧଳ କଟକ ସିଡିଏ ଅଞ୍ଚଳରେ ରହୁଛନ୍ତି। ସେ କେନ୍ଦ୍ରାପଡ଼ା ଡିଇଓ ଅଫିସରେ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। ଗତ ମାସ ୨୯ ତାରିଖ ସନ୍ଧ୍ୟାରେ ସେ କଟକ ଫେରିବା ପାଇଁ ବସ୍‌କୁ ଅପେକ୍ଷା କରିଥିବାବେଳେ ଦୁହୁରିଆ ଛକ ନିକଟରେ ଅଭିଯୁକ୍ତମାନେ ଏକ କାର୍‌ରେ ଆସି ପହଞ୍ଚିଥିଲେ। ମାନସଙ୍କୁ କଟକରେ ଛାଡି ଦେବା ପାଇଁ କହି ଲିଫ୍ଟ ଦେଇଥିଲେ। ହେଲେ ତାଙ୍କୁ କଟକ ନ ନେଇ ଚୌଦ୍ୱାର ଆଡକୁ ଆଣିବାରୁ ସେ ବିରୋଧ କରିଥିଲେ। ଏହାପରେ ସେମାନେ ଭୟଭୀତ କରାଇ ତାଙ୍କ ସହ ପାଖରେ ଥିବା ୨୨ ହଜାର ଟଙ୍କା, ଏଟିଏମ୍ କାର୍ଡ ଓ ଅଫିସ କାଗଜପତ୍ର ଥିବା ବ୍ୟାଗ ଲୁଟି ନେଇ ତାଙ୍କୁ ଓହ୍ଲାଇ ଦେଇଥିଲେ।

# ଏକାଧିକ ମାମଲାର ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର

ଭୁବନେଶ୍ୱର, ୨୩।୨ (ସତ୍ୟଜିତ୍ ରାଉତ)

## ପାଣି ପିଆଇବା ବାହାନାରେ ବୃଦ୍ଧାଙ୍କ ବେକରୁ ଚେନ୍ ଲୁଟ୍

ପାଣି ପିଆଇବା ବାହାନାରେ ଚେନ୍ ଲୁଟ୍ ମାମଲାରେ କ୍ୟାପିଟାଲ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଭୁଆଶୁଣୀ ବସ୍ତିରେ ରହୁଥିବା ସୁଦର୍ଶନ ସ୍ୱାଇଁ ଓରଫ ସଞ୍ଜୟ (୨୭)। ରବିବାର କୋର୍ଟଚାଲାଣ ପରେ ସଞ୍ଜୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସଞ୍ଜୟଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ୯, ଖାରବେଳନଗର ଓ ବଡ଼ଗଡ଼ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏଥିରେ ସମ୍ପୃକ୍ତ ସଞ୍ଜୟଙ୍କ ସହଯୋଗୀ ଫେରାର ଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ସୁକାନ୍ତି ସିଂ ନିଜ ମା' ଓ ଅନ୍ୟମାନଙ୍କ ସହ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ ପଟେଲ ବସ୍ତିରେ ରୁହନ୍ତି। ଶନିବାର ମଧ୍ୟାହ୍ନ ୨ଟାରେ ସଞ୍ଜୟ ଅନ୍ୟଜଣେ ସହଯୋଗୀଙ୍କ ସହ ମିଶି ସୁକାନ୍ତିଙ୍କ ଘରକୁ ଯାଇଥିଲେ। ଏହି ସମୟରେ ସୁକାନ୍ତିଙ୍କ ବୃଦ୍ଧା ମା' ପାଣି ପିଇବାକୁ ଚାହୁଁଥିବା କହି ପାଣି ମାଗିଥିଲେ। ସୁକାନ୍ତି ପାଣି ବୋତଲ ଦେବା ପରେ ଉଭୟ ମିଶି ତାଙ୍କ ମା'ଙ୍କୁ ପାଣି ପିଆଇବା ସମୟରେ ତାଙ୍କ ବେକରୁ ରୁପାଚେନ୍ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏହା ଜାଣିବା ପରେ ସୁକାନ୍ତି ଓ ତାଙ୍କ ବଡ଼ ଝିଅ ଅଭିଯୁକ୍ତଙ୍କ ପିଛା କରି ସଞ୍ଜୟଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ଅନ୍ୟ ଅଭିଯୁକ୍ତ ଖସି ପଳାଇଥିବାବେଳେ ସଞ୍ଜୟ ମଧ୍ୟ ଭୟରେ ରୁପା ଚେନକୁ କେଉଁଠାରେ ଫୋପାଡି ଦେଇଥିଲେ। ଏନେଇ ସୁକାନ୍ତିଙ୍କ ଏତଲା ପରେ ପୋଲିସ ମାମଲା (ନଂ.୬୭/୨୦୨୫) ରୁଜୁ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର

ଜଳେଶ୍ୱର, ୨୩।୨ (ରବିନାରାୟଣ ପାତ୍ର)

ଜଳେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଜଣକ ଘରକୁ ଫେରୁଥିବା ବେଳେ ଶିଖରପୁର ପଞ୍ଚାୟତ ଅନ୍ତର୍ଗତ ଚକହରି ଗାଁର ଜଣେ ଯୁବକ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ବାପା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୫/୨୫) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଥିବା ପୋଲିସ କହିଛି। ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା' କଥା ତାକୁ ଜଣା,
ମିଛେ ବୋଲୁଥାଏ ମୋହର କିଣା ।**

କାହା ଅନ୍ତର କଥା କେହି ବୁଝିପାରନ୍ତି ନାହିଁ। ଅନ୍ୟର ମନ ତଳର ଗହନ କଥା ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ତେଣୁ ମୁହଁରେ ଯିଏ ଯାହା କହେ ସେହି କଥାକୁ ନିଜ ବୁଦ୍ଧିରେ ସତ କିମ୍ବା ମିଛ ବୋଲି ଧାରଣା କରିବା ହିଁ ଉଚିତ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତୁଳରେ ବର୍ଷିଲେ ମୂଳରେ ଫଳେ।**

ଚାଷବାସ ପାଇଁ ଜଳର ଆବଶ୍ୟକ ପଡୁଥିବା ବେଳେ ବର୍ଷା ଜଳ ଅଚିରେ ସେ ସବୁର ସହଜ ସମାଧାନ କରିଦେଇଥାଏ। କାର୍ତ୍ତିକ ମାସରେ ଭଲ ବର୍ଷା ହେଲେ ଖରିଫ ଓ ରବି ଫସଲ ଭଲ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଆଉ ୨ ଅଭିଯୁକ୍ତ କୋର୍ଟଚାଲାଣ

## ଗ୍ରେୱାଲ କମ୍ପାନୀ ଭାଇସ ପ୍ରେସିଡେଣ୍ଟ୍ ଅପହରଣ ଘଟଣା

ବଡ଼ବିଲ, ୨୩।୨ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଆଣ୍ଡ ମେଟାଲସ୍ ଏଲ୍‌ଏଲ୍‌ପି)ର ଭାଇସ ପ୍ରେସିଡେଣ୍ଟ୍ ନିମାନନ୍ଦ ପ୍ରଧାନଙ୍କ ଅପହରଣ ଘଟଣାରେ ପୋଲିସ ରବିବାର ଆଉ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଜିଲା କାଙ୍କେ ଥାନା ଅନ୍ତର୍ଗତ ମିଲ୍ଲତ କଲୋନୀ ଅଞ୍ଚଳର ଖୁରସିଦ ରବାନି ଓ ସାଜିଦ ୱାର୍ସି। ଅଭିଯୁକ୍ତ ଦ୍ୱୟ ନିମାନନ୍ଦଙ୍କୁ କାଙ୍କେଠାରୁ ୧୨ କି.ମି.ଦୂର ମେକନ କଲୋନୀକୁ ସ୍ଥାନାନ୍ତରରେ ସହାୟତା କରିଥିଲେ। ନିମାନନ୍ଦଙ୍କୁ ସ୍ଥାନାନ୍ତର ନିମନ୍ତେ ବ୍ୟବହୃତ ଜେଏଚ୍ ୦୧ ଏଲ ୭୩୭୦ ନମ୍ବର ବିଶିଷ୍ଟ ଏକ ମାରୁତି ଏକୋ କାର୍‌କୁ ମଧ୍ୟ ପୋଲିସ ଜବତ କରିଛି। ପ୍ରକାଶ ଯେ, ଅପହରଣ ଘଟଣାରେ ପୋଲିସ ଶନିବାର ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ପଶ୍ଚିମାଞ୍ଚଳ ଡିଆଇଜି କେନ୍ଦୁଝର ଜିଲା ମୁଖ୍ୟାଳୟରେ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଥିଲେ।

## ଫାଷ୍ଟ ଫୁଡ୍ ଦୋକାନରେ ଦଳିତ ଛାତ୍ରଙ୍କୁ ହତ୍ୟା ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ଯାଜପୁର, ୨୩।୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଫାଷ୍ଟ ଫୁଡ୍ ଦୋକାନରେ ଜଣେ ଦଳିତ ଛାତ୍ରଙ୍କୁ ହତ୍ୟା ଅଭିଯୋଗ ଘଟଣାରେ ମୂଳନିବାସୀ ୟୁନାଇଟେଡ୍ ଫ୍ରଣ୍ଟ ଓ ଅନ୍ୟାନ୍ୟ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରାଯାଇଛି। ଏନେଇ ଫ୍ରଣ୍ଟ ରବିବାର ଯାଜପୁର ଏସ୍‌ପିଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛି। ଅଭିଯୋଗ ଅନୁସାରେ ଗତ ୯ ତାରିଖରେ ଦଳିତ ଛାତ୍ର ଶାନ୍ତନୁ ଦାସଙ୍କୁ ଆକ୍ରମଣ ହୋଇଥିଲା। ୧୦ ତାରିଖରେ ଶାନ୍ତନୁଙ୍କୁ ପ୍ରଥମେ ଯାଜପୁର ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ୧୧ତାରିଖରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ବ୍ରେନ ଅପରେଶନ କରାଯାଇଥିଲା। ୧୨ ତାରିଖରେ ଶାନ୍ତନୁଙ୍କ ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକ କହିଛନ୍ତି। ଅନ୍ୟପକ୍ଷରେ ଶାନ୍ତନୁ ଚିକିତ୍ସାଧୀନ ଥିବା ସମୟରେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଦେଖା କରିବାକୁ ସୁଯୋଗ ନ ଦେବା ଏବଂ ୧୬ ତାରିଖରେ ଏତଲା ପରେ ମୃତ୍ୟୁ ଘୋଷଣା କରିବା ନେଇ ନାନା ସନ୍ଦେହ ପ୍ରକାଶ ପାଇଛି। ପରବର୍ତ୍ତୀ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିଦେବାକୁ ଏଭଳି ଚକ୍ରାନ୍ତ ହୋଇଥିଲା ବୋଲି ଫ୍ରଣ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଚାଓମିନ ଛୁଇଁଦେବାକୁ ନେଇ ଅଛୁଆଁ ଭେଦଭାବ ଯୋଗୁ ବାଡ଼େଇ ବାଡ଼େଇ ଶାନ୍ତନୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ କୋରେଇ ଥାନାରେ ୩୭/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି।

ଗତ ୯ତାରିଖ ରାତି ପ୍ରାୟ ସାଢେ ୯ଟାରେ ଶୁକଦେବ ଦାସ ଗୋବିନ୍ଦପୁର ଶିବା ଛକ ନିକଟରେ ଅନିଲ କୁମାର ମଲ୍ଲିକଙ୍କ ଫାଷ୍ଟ ଫୁଡ୍ ଦୋକାନରେ ଚାଓମିନ ଖାଇବାକୁ ଯାଇ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା ପରେ ବି ତାଙ୍କୁ ଦିଆଯାଇ ନ ଥିଲା । ଏହାକୁ ନେଇ ଅନିଲ ଏବଂ ଶୁକଦେବଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଦୋକାନରେ ଉପସ୍ଥିତ ଥିବା ଅନିଲଙ୍କ ଭାଇ ଅକ୍ଷୟ ମଲ୍ଲିକ, କମଳ ମଲ୍ଲିକ ଓ ଅନ୍ୟମାନେ କାଠ ଫାଳିଆରେ ଶୁକଦେବଙ୍କ ପିଠି ଓ ମୁଣ୍ଡକୁ ପିଟିଥିଲେ। ଗାଁ ଲୋକେ ତାଙ୍କୁ ସେମାନଙ୍କ ନିକଟରୁ ଉଦ୍ଧାର କରିଥିଲେ । ଏହି ଖବର ଶୁଣି ସୁକଦେବଙ୍କ ପୁଅ ଶାନ୍ତନୁ ଦାସ ଆସି ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏପରି କି ଲୁହାର ଛଣାବେଣ୍ଟରେ ମୁଣ୍ଡ ଓ କାନମୂଳକୁ ପିଟି ବେହୋସ କରିଦେଇଥିଲେ। ଗୁରୁତର ଅବସ୍ଥାରେ ଶାନ୍ତନୁଙ୍କୁ ଯାଜପୁର ଓ ପରେ କଟକ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତରଖାନା କର୍ତ୍ତୃପକ୍ଷ ୪ଦିନ କୋମାରେ ଅଛି କହି ୧୬ ତାରିଖ ପୂର୍ବାହ୍ନ ୯ଟାରେ ଶାନ୍ତନୁଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। କିନ୍ତୁ ଏହି ୫ଦିନ ମଧ୍ୟରେ ଶାନ୍ତନୁଙ୍କ ଚିକିତ୍ସା ପାଇଁ କୌଣସି ମେଡିସିନ ଚିଠା ଦେଇ ନ ଥିଲେ। ତେଣୁ ଡାକ୍ତରଖାନାର ସିସିଟିଭି ଫୁଟେଜ୍, ମେଡିକାଲ ବିଲ, ଡାକ୍ତରଙ୍କ ଚିଠା ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବା ଏବଂ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଏନେଇ ମୂଳନିବାସୀ ୟୁନାଇଟେଡ୍ ଫ୍ରଣ୍ଟ ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ସାମାଜିକ ନ୍ୟାୟ ଅଭିଯାନ ରାଜ୍ୟ ସଂଯୋଜକ ଉମାକାନ୍ତ ମଲ୍ଲିକ, ଜିଲା ସଭାପତି ସହଦେବ ଜେନା, ଜିଲା କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଦୁଷ୍ମନ୍ତ କୁମାର ଜେନା, ଆମ୍ବେଦକର ଫାଉଣ୍ଡେଶନ ସଭାପତି ସୁରେନ୍ଦ୍ର ମଲ୍ଲିକ, ସମ୍ପାଦକ ଅଭିମନ୍ୟୁ ମଲ୍ଲିକ, ମହିଳା ରାଜ୍ୟ ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ମୂଳନିବାସୀ ଯୁବ ଛାତ୍ର ଜିଲା ସଭାପତି ଲିଲୁ ଦାସ, ସିଭିଲ ସୋସାଇଟି ସଭାପତି ବିଶ୍ୱନାଥ ପାତ୍ର, ବିଞ୍ଝାରପୁର ଦଳିତ ସଂଘ ସଭାପତି ରମେଶ ଜେନା ପ୍ରମୁଖ ଏସ୍‌ପିଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି।



ମୂଳନିବାସୀ ୟୁନାଇଟେଡ୍ ଫ୍ରଣ୍ଟର କର୍ମକର୍ତ୍ତା ଏସ୍‌ପିଙ୍କୁ ସାକ୍ଷାତ କରୁଛନ୍ତି।

